ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ମାର୍ଚ୍ଚ, ୨୦୨୨

## ଭାରତ ବନ୍ଦକୁ ନୈତିକ ସମର୍ଥନ ଦେବାକୁ ଆହ୍ୱାନ

ପାରାଦୀପ,(ସ୍ୱ.ପ୍ର.): ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି, ତୈଳ ମୂଲ୍ୟ ବୃଦ୍ଧି, ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇ କରଣ କରିବା, ଦେଶର ବୃହତ୍ ବନ୍ଦରଗୁଡ଼ିକୁ ବିକ୍ରି କରିବା ଆଦି କାର୍ଯ୍ୟକୁ ବିଭିନ୍ନ ଶ୍ରମିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ସୋମବାରଠାରୁ ୪୮ ଘଣ୍ଟିଆ ଭାରତ ବନ୍ଦ ଡାକରାରେ ପାରାଦୀପର ୧୧ ଟ୍ରେଡ୍ ୟୁନିୟନ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏ ନେଇ ରବିବାର ନୂଆବଜାରସ୍ଥିତ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପରିସରରେ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ଯୋଗଦେଇ ବନ୍ଦ ପାଳନକୁ ନୈତିକ ସମର୍ଥନ ଦେବାକୁ ଆହ୍ୱାନ କରିଥିଲେ। ସମ୍ମିଳନୀରେ ଅରିନ୍ଦମ ସର୍ଖେଲ, ନୃସିଂହ ପ୍ରସାଦ ଶତପଥୀ, ଅନନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଶ୍ରୀକାନ୍ତ ସଭାପତି, ଅରବିନ୍ଦ ସମ୍ପାଦକ

#### ଓମ୍ଫାର କର୍ମକର୍ତ୍ତା ନିର୍ବାଚନ

ପାରାଦୀପ,୨୭।୩(ସ୍ୱ.ପ୍ର.): ପାରାଦୀପର ଅନ୍ୟତମ ପୁରୁଣା ତଥା ବୃହତ୍ ସଂଘ ଓମ୍ଫା (ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)ର କର୍ମକର୍ତ୍ତା ନିର୍ବାଚନ ରବିବାର ଶେଷ ହୋଇଛି। ଏଥିରେ ଶ୍ରୀକାନ୍ତ ପରିଡ଼ା (ଲିଟୁ)ଙ୍କ ୯ ଜଣିଆ ଟିମ୍ ମଧ୍ୟରୁ ୮ ଜଣ ବିଜୟୀ ହୋଇଛନ୍ତି। ସମୁଦାୟ ୪୯୯ଭୋଟ ମଧ୍ୟରୁ ୪୬୨ ଜଣ ଗୁପ୍ତ ବାଲାଟ ପେପର ଜରିଆରେ ମତଦାନ କରିଥିଲେ। ଏଥିରେ ଶ୍ରୀକାନ୍ତ ସଭାପତି ଓ ସମ୍ପାଦକ ଭାବେ ଅରବିନ୍ଦ ସ୍ୱାଇଁ ଜିତିଛନ୍ତି।

### ପୋଲିସକୁ ଆକ୍ରମଣ ଘଟଣା: ୧୩ ଗିରଫ

ବାଲିକୁଦା,୨୭।୩(ସ୍ୱ.ପ୍ର.): ବାଲିକୁଦା ଥାନା ଅଞ୍ଚଳରେ ମାର୍ଚ୍ଚ ୧୯ରେ ପୋଲିସକୁ ଆକ୍ରମଣ ଘଟଣାରେ ରବିବାର ୧୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଆଲିପିଙ୍ଗଳ ଉପ କାରାଗାରକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗତନାଥ ପରିଡ଼ା(୨୮), ବିଶ୍ୱନାଥ ପରିଡ଼ା(୩୨), ବାଇଧର ସ୍ୱାଇଁ(୫୫), ଶେଷଦେବ ସେଠୀ(୪୮), ଗୋଲେଖ ବିହାରୀ ସେଠୀ (୩୯),ଦଧିବାମନ ସେଠୀ(୩୨), ରବିନାରାୟଣ ସେଠୀ(୫୫), ମାନସ କାଣ୍ଡି(୩୨), ବାସୁଦେବ କାଣ୍ଡି(୩୩), ବାନାମ୍ବର କାଣ୍ଡି(୪୮), ଗୋପିନାଥ ଭୋଇ(୪୪), ଦିବାକର କାଣ୍ଡି(୪୨), ବୀରବର ଦାସ (୪୯)। ପୋଲିସ ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ବ୍ରହ୍ମପୁରର ରବୀନ୍ଦ୍ର ପଟ୍ଟନାୟକ ବାଲିକୁଦା ଥାନା ଅଞ୍ଚଳରେ ଥିବା ଶ୍ୱଶୁର ଘରକୁ ଆସିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗତ ୧୯ରେ ସେ ଥାନା ଅଞ୍ଚଳର ସୁରେଶ୍ୱର ସେଠୀଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଥିଲେ। ଏ ନେଇ ଗାଁ ଲୋକେ ଉତକ୍ଷିପ୍ତ ହେବାରୁ ଅଭିଯୁକ୍ତ ରବୀନ୍ଦ୍ର ଶ୍ୱଶୁର ଘରେ କବାଟ ବନ୍ଦ କରି ଲୁଚି ଯାଇଥିଲେ। ଖବରପାଇ ପୋଲିସ ତାଙ୍କୁ ଉଦ୍ଧାର କରିବାକୁ ଆସିଥିବା ବେଳେ ଗାଁ ଲୋକେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା (ନଂ. ୧୧୧/୨୨) ରୁଜୁ କରିଥିଲା।

### ୩ ଦିନିଆ ସ୍ପିଚ୍ ଥେରାପି ତାଲିମ ଶିବିର

ଡେରାବିଶ,୨୭।୩(ସ୍ୱ.ପ୍ର.): ଡେରାବିଶ ଶିକ୍ଷା ସର୍କଲ ଅଧୀନ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ୩ ଦିନିଆ ସ୍ପିଚ୍ ଥେରାପି ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଏହି ତାଲିମ ଶିବିରକୁ ଗତ ୨୪ ତାରିଖରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ୨୦ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସ୍ପିଚ୍ ଥେରାପି ପ୍ରଦାନ ନିମନ୍ତେ ଗରଦପୁର ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାଲ, କେନ୍ଦ୍ରାପଡ଼ା ବ୍ଲକର ରାଜଲକ୍ଷ୍ମୀ ରାଉତ ଯୋଗଦେଇ ତାଲିମ ଦେବା ସହ ଅଭିଭାବକଙ୍କୁ ମଧ୍ୟ ଏହାକୁ ଘରେ ଦୈନନ୍ଦିନ ପ୍ରାକ୍ଟିସ କରାଇବାକୁ ପରାମର୍ଶ ଦେଇଥିଲେ। ଶିବିରର ଦ୍ୱିତୀୟ ଦିବସରେ ଡେରାବିଶ ଏବିଇଓ ନରହରି ସୂତାର ପରିଦର୍ଶନରେ ଆସି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଡେରାବିଶ ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ପୁଷ୍ପଲତା ବେହେରା ଏହାକୁ ପରିଚାଳନା କରିଥିବା ବେଳେ ଶିକ୍ଷା ସ୍ୱେଚ୍ଛାସେବୀ ଅନ୍ନପୂର୍ଣ୍ଣା ସାମଲ ସହଯୋଗ କରିଥିଲେ।

# ଦଳୀୟ ପ୍ରାର୍ଥୀଙ୍କ ଖେଳ ବିଗାଡ଼ିଲେ ଅସନ୍ତୁଷ୍ଟ

- ସରିଲା ପଞ୍ଚାୟତ, ପୌର ନିର୍ବାଚନ: ୨୦୨୪କୁ ନଜର
- ଭୋଟ ପରେ ଅସନ୍ତୁଷ୍ଟଙ୍କ ତାଲିକା କରୁଛନ୍ତି ନେତା
- ସ୍ଥାନୀୟ ପ୍ରସଙ୍ଗକୁ ଗୁରୁତ୍ୱ ଦେଲେ ଭୋଟର

କେନ୍ଦ୍ରାପଡ଼ା ଅଫିସ, ୨୭।୩

ଆସନ୍ତା ସାଧାରଣ ନିର୍ବାଚନକୁ ଆଉ ଦୁଇବର୍ଷ ବାକି ଅଛି। ଏହା ପୂର୍ବରୁ ରାଜ୍ୟରେ ଲୋକଙ୍କ ମତିଗତିକୁ ପଞ୍ଚାୟତ ଓ ପୌର ନିର୍ବାଚନରେ ପରଖା ଯାଇଛି। ଏହି ଦୁଇ ନିର୍ବାଚନରେ ଯଦିଓ ବିଜେଡି ଏକପାଖିଆ ନେତୃତ୍ୱ ନେବା ସୁଯୋଗ ପାଇଛି, ତେବେ ଦଳୀୟ ବିଦ୍ରୋହ ସମସ୍ୟା ସୃଷ୍ଟି କରିଛି। ପଞ୍ଚାୟତଠାରୁ ପୌରାଞ୍ଚଳର ବିଦ୍ରୋହୀ ପ୍ରାର୍ଥୀ ସ୍ଥାନୀୟ ଅଞ୍ଚଳର ବିକାଶ ଓ ଦଳୀୟ ନେତୃତ୍ୱଙ୍କ ମନମୁଖି କାର୍ଯ୍ୟକୁ ପଦାରେ ପକାଇଛନ୍ତି। ସଦ୍ୟ ଅନୁଷ୍ଠିତ କେନ୍ଦ୍ରାପଡ଼ା ପୌର ନିର୍ବାଚନରେ ଏହାର ପ୍ରଭାବ ବିଶେଷ ଭାବେ ଦେଖିବାକୁ ମିଳିଛି। ଭୋଟ ପରେ ଅସନ୍ତୋଷର କାରଣ ଓ ଅସନ୍ତୁଷ୍ଟଙ୍କ ତାଲିକା ଆରମ୍ଭ ହୋଇଥିବା ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି।

ରାଜନୈତିକ ବିଶ୍ଳେଷକ ବାନାମ୍ବର ସାହୁ, ବିଧୁଭୂଷଣ ମହାପାତ୍ର, ଅମରବର ବିଶ୍ୱାଳ, ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ କହିଛନ୍ତି, ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ପାଇଁ ଏହି ଦୁଇ ନିର୍ବାଚନ ଫଳର ସମୀକ୍ଷା ଲାଗି ସୁଯୋଗ ଦେଇଛି। ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ, କ୍ଷେତକୁ ଜଳ ପରିଚାଳନା ପରି ମୌଳିକ ସମସ୍ୟାରେ କେନ୍ଦ୍ରାପଡ଼ା ଜିଲା ଅଛି। ଶିଳ୍ପବିହୀନ ଏହି ଜିଲାର ଦାଦନ ସମସ୍ୟା ଉତ୍କଟ ହେବାରେ ଲାଗିଛି। କର୍ମ ନିଯୁକ୍ତି ସମସ୍ୟାକୁ କରୋନା ସଂକ୍ରମଣ ବଢ଼ାଇ ଦେଇଛି। ପ୍ରବାସୀ ଘରକୁ ଫେରିଥିଲେ ମଧ୍ୟ ଅର୍ଥନୀତି ସୁଦୃଢ଼ ନ ଥିବା, ସ୍ଥାନୀୟ ସମସ୍ୟାର ସମାଧାନ ହେଉ ନ ଥିବା ଓ ଦଳୀୟ ନେତାଙ୍କ ମନମୁଖି କାର୍ଯ୍ୟକୁ ନେଇ ଜିଲାବାସୀ ଭୋଟ ମାଧ୍ୟମରେ ଜବାବ ଦେଇଛନ୍ତି। ରାଜକନିକା ବ୍ଲକ ବରୁଣାଡିହା ପାଣି ପ୍ରକଳ୍ପ ଶାସକ ଦଳ ପାଇଁ ଭାରି ପଡ଼ିଛି। ଏଠାରେ ଥିବା ପଞ୍ଚାୟତଗୁଡ଼ିକରେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ବହୁ କର୍ମକର୍ତ୍ତା ଲୋକ ପ୍ରତିନିଧି ଭାବେ ନିର୍ବାଚିତ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପଦବୀକୁ ନେଇ ଶାସକ ଦଳର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ରାଜନୈତିକ ହିଂସା ଘଟିଛି। ଗରଦପୁର ବ୍ଲକରେ ମଧ୍ୟ ଅଧ୍ୟକ୍ଷ ନିର୍ବାଚନରେ ଶାସକ ଦଳର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଡେରାବିଶ ବ୍ଲକ ଅଧ୍ୟକ୍ଷ ପଦ ପାଇଁ ସ୍ଥାନୀୟ ବିଧାୟକ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ମଧ୍ୟରେ ହୋଇଥିବା ଦ୍ୱନ୍ଦ୍ୱ ଧର୍ମଗୁଳାରେ ସମାପ୍ତ ହୋଇଛି। ଏହାବ୍ୟତୀତ ସଦ୍ୟତମ ଉଦାହରଣ ଭାବେ କେନ୍ଦ୍ରାପଡ଼ା ପୌର ନିର୍ବାଚନକୁ ନିଆଯାଇପାରେ। ରାଜ୍ୟର ସର୍ବପୁରାତନ ଏହି ପୌରାଞ୍ଚଳର ଆଶାନୁରୂପକ ବିକାଶ ହୋଇନାହିଁ। ଗତ ୨୦୦୯ରୁ ଅଦ୍ୟାବଧି ନିର୍ବାଚନରେ ଜିଲାର ବିଭିନ୍ନ ସ୍ଥାନରେ ଶିଳ୍ପ ପ୍ରତିଷ୍ଠା ଭେଳିକି ପରି ପୌରାଞ୍ଚଳରେ ଟ୍ରାଫିକ, ଜଳ ପରିମଳ, ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଭେଣ୍ଡିଂ ଜୋନ୍, ଉନ୍ନତ ଖେଳପଡ଼ିଆ, ପାର୍କ, ଜଳ ନିଷ୍କାସନ ପ୍ରକଳ୍ପ ଆଦି ପ୍ରତିଶ୍ରୁତି ମିଳିଛି। ତେବେ ଏହି ପ୍ରତିଶ୍ରୁତି ସହରବାସୀଙ୍କୁ ଆକୃଷ୍ଟ କରିନାହିଁ। ଏଠାରେ ୨୧ଟି ୱାର୍ଡରୁ ଶାସକ ଦଳ ୧୧ଟି ପାଇଥିବା ବେଳେ ୪ ବିଦ୍ରୋହୀ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଥିସହ ୫ଟିରେ କଂଗ୍ରେସ ଓ ଗୋଟିଏରେ ଭାଜପା ପ୍ରାର୍ଥୀ ଜିତିଛନ୍ତି। ସ୍ଥାନୀୟ ଦଳୀୟ ନେତାଙ୍କ ମନମୁଖି କାର୍ଯ୍ୟ ବିଦ୍ରୋହର କାରଣ ବୋଲି ଆଲୋଚନା ହେଉଛି। ସେହିପରି ଜିଲାର ସମସ୍ୟା ସମ୍ପର୍କରେ ଅବଗତ ନ ଥିବା ଲୋକଙ୍କୁ ଏମ୍‌ପି ଓ ବିଧାୟକ ଟିକେଟ ଦିଆଯାଉଥିବା ଯୋଗୁ ସମସ୍ୟା ନେଇ ଉପଯୁକ୍ତ ସ୍ଥାନରେ ପ୍ରତିନିଧିତ୍ୱ ହେଉ ନ ଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ଦଳୀୟ ଭୋଟ ହାର ସମ୍ପର୍କରେ ସେମାନେ ପ୍ରକାଶ କରିଛନ୍ତି, ତୁଳନାତ୍ମକ ଭାବେ ଭାଜପାର ଭୋଟ ହାର ବଢ଼ିନାହିଁ। ତେବେ କଂଗ୍ରେସର ପ୍ରାୟ ୫ ପ୍ରତିଶତ ଭୋଟ ଶାସକ ବିଜେଡିକୁ ଯାଇଛି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖାଯାଇ ସମସ୍ତ ଦଳର ଅସନ୍ତୁଷ୍ଟଙ୍କ ତାଲିକା ପ୍ରସ୍ତୁତ ହେଉଛି। ଏମାନଙ୍କ ମଧ୍ୟରେ କିଏ କେତେ ଉପଯୋଗୀ ବୋଲି ବିଚାରବିମର୍ଶ ଚାଲିଥିବା ବିଶ୍ଳେଷକମାନେ ପ୍ରକାଶ କରିଛନ୍ତି।




### ଜବରଦଖଲ କରି ବନ୍ଧ ନିର୍ମାଣ ଅଭିଯୋଗ

ପାରାଦୀପ,୨୭।୩(ସ୍ୱ.ପ୍ର.)

ପାରାଦୀପ ମୁଷାଡ଼ିଆଠାରେ ଥିବା ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ଓ ବିଭାଗୀୟ ଅଧିକାରୀଙ୍କ ନାଁରେ ରବିବାର ପାରାଦୀପ ଲକ୍‌ଥାନାରେ ଅଭିଯୋଗ ହୋଇଛି। ଥାନା ଅନ୍ତର୍ଗତ ହାଣ୍ଡିଆ ଗାଁର ଅନାମ ଜେନା ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ଚାଷ ଜମିକୁ ଖୋଳି କମ୍ପାନୀ ବନ୍ଧ ନିର୍ମାଣ କରୁଛି। ଏହାକୁ ସେ ଫେବୃୟାରୀ ୨୩ରେ ବିରୋଧ କରିଥିଲେ। ପୁନର୍ବାର ଗତ ୧୪ ତାରିଖରେ ସମାନ ଜାଗାରେ ଠିକା ସଂସ୍ଥା ପକ୍ଷରୁ ମାଟି ଖୋଳାଯାଇ ବନ୍ଧ ନିର୍ମାଣ କରାଯାଉଛି। ଏହାକୁ ଜେନା ବିରୋଧ କରିବାରୁ କମ୍ପାନୀର ଅଧିକାରୀ ଦେବଜ୍ୟୋତି ସାମନ୍ତ ଓ ଏମ.କେ ଠାକୁରଙ୍କ ନିର୍ଦ୍ଦେଶରେ ଏହା କରାଯାଉଛି ବୋଲି ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି। ଏହି ଅଭିଯୋଗ ଉପରେ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଆଇଆଇସି ଯୁଗଳ କିଶୋର ଦାଶ କହିଛନ୍ତି। ଅଭିଯୋଗକୁ ମିଥ୍ୟା କହି ସାମନ୍ତ ଖଣ୍ଡନ କରିଛନ୍ତି। ସେ ଏବଂ ଠାକୁର ଭୁବନେଶ୍ୱର ଅଫିସରେ କାମ କରନ୍ତି। ଉକ୍ତ ଜମିକୁ କମ୍ପାନୀ ପକ୍ଷରୁ ଅଧିଗ୍ରହଣ କରାଯାଇଛି ବୋଲି ସାମନ୍ତ କହିଛନ୍ତି। ଏ ନେଇ ଆସନ୍ତା ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କ ପାଖରେ ତ୍ରିପାକ୍ଷିକ ଆଲୋଚନା ହେବ ବୋଲି ଜଣାପଡ଼ିଛି।

# ବିପଦ ଆଶଙ୍କାରେ ୧୦ରୁ ଊର୍ଦ୍ଧ୍ୱ ପରିବାର



ଘର ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର।

### ହାତ ପାହାନ୍ତାରେ ୧୧କେଭି ବିଦ୍ୟୁତ୍ ତାର

ନାଉଗାଁ,୨୭।୩(ସ୍ୱ.ପ୍ର.)

ନାଉଗାଁ ବ୍ଲକ ବାଲିଭଉଁରୀ-ଶିଖରଘାଟ ରାସ୍ତା ପାର୍ଶ୍ୱରେ ଥିବା ମଲ୍ଲିକ ସାହିରେ ହାତପାହାନ୍ତାରେ ଝୁଲୁଛି ୧୧ କେଭି ବିଦ୍ୟୁତ୍ ତାର। ଏଥିଯୋଗୁ ଧନଜୀବନ ନଷ୍ଟ ହେବାର ଆଶଙ୍କା ଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସାହିରେ ୧୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସାହି ଉପରେ ଟଣାଯାଇଥିବା ବିଦ୍ୟୁତ୍ ତାରଗୁଡ଼ିକ ସେମାନଙ୍କ ଚାଳଛପର ଘର ଉପରେ ଝୁଲି ରହିଛି। କେତେଜଣଙ୍କ ଘର ଉପରେ ବହୁ ସମୟରେ ତାରରୁ ନିଆଁ ଝୁଲ ଖସି ଚାଳରେ ନିଆଁ ଲାଗିଛି। ଏହି ଭୟରେ ଲୋକେ ଛପର କରିପାରୁନାହାନ୍ତି ବୋଲି ସାହିବାସୀ କହିଛନ୍ତି। ଏନେଇ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ପ୍ରତିଶ୍ରୁତି ବ୍ୟତୀତ କାର୍ଯ୍ୟରେ ପରିଣତ ହେଉନାହିଁ ବୋଲି ଗ୍ରାମର ରବୀନ୍ଦ୍ର ମଲ୍ଲିକ, ବାବାଜୀ ମଲ୍ଲିକ, ଠୁଲୁ ମଲ୍ଲିକ, ବୁଲୁ ମଲ୍ଲିକ, ଭ୍ରମର ମଲ୍ଲିକ, ପଞ୍ଚୁ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଟାଟା ପାୱାର ମ୍ୟାନେଜର ଦୀପକ ଭୂଇଁଙ୍କୁ ପଚାରିବାରୁ, ଏ ନେଇ ସେ ପୂର୍ବରୁ ଅବଗତ ନ ଥିଲେ। ଖୁବ୍‌ଶୀଘ୍ର ଏ ବିଷୟରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ପ୍ରମୋଦ ସଭାପତି, ନଳିନୀ ସମ୍ପାଦକ

### ଜିଲା ଓକିଲ ସଂଘ ନିର୍ବାଚନ

ଜଗତ୍‌ସିଂହପୁର ଅଫିସ, ୨୭।୩

ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପଦ ପାଇଁ ପ୍ରମୋଦ କୁମାର ସ୍ୱାଇଁ ଓ ସୁବ୍ରତ ଶତପଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସ୍ୱାଇଁ ୧୬ ଖଣ୍ଡ ଭୋଟ ବ୍ୟବଧାନରେ ଶତପଥୀଙ୍କୁ ପରାସ୍ତ କରିଛନ୍ତି। ସେହିପରି ସମ୍ପାଦକ ପଦବୀ ପାଇଁ ନଳିନୀ ରଞ୍ଜନ ମହାପାତ୍ର ଓ ପ୍ରସନ୍ନ କୁମାର ମହାନ୍ତିଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ମହାପାତ୍ର ୪୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ପଦରେ ଯୁଗପ୍ରଭା ଲେଙ୍କା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତନ୍ମୟ କୁମାର ମହାନ୍ତିଙ୍କୁ ୩୫ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଉପସଭାପତି ଭାବେ ପ୍ରତାପ କୁମାର ବରାଳ, କୋଷାଧ୍ୟକ୍ଷ ଅଲେଖ ଚରଣ ବାରିକ, ଅନ୍ୟ ପରିଚାଳନା କମିଟି ସଦସ୍ୟ ଭାବେ କସ୍ତୁରୀ ପ୍ରିୟଦର୍ଶିନୀ ମଲ୍ଲ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଅନ୍ୟ ପରିଚାଳନା କମିଟି ସଦସ୍ୟ ଭାବେ ଅନିରୁଦ୍ଧ ସାବତ, ଅଞ୍ଜନ କୁମାର ପଣ୍ଡା, ପର୍ଶୁରାମ ରାଉତ, ବିନୟ କୁମାର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ରାୟ ଓ ରୁଦ୍ରନାରାୟଣ ନାୟକ ବିଜୟୀ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନନ୍ଦ ନିର୍ବାଚନ ପରିଚାଳନା କରିଥିବାବେଳେ ଆଇନଜୀବୀ ସୌରୀପ୍ରସାଦ ସ୍ୱାଇଁ, ଘନଶ୍ୟାମ ଶତପଥୀ, ପାର୍ଥସାରଥି ଦାସ, ରବୀନ୍ଦ୍ର କୁମାର ସ୍ୱାଇଁ, ଯଦୁମଣି ବିଶ୍ୱାଳ ଓ ଶେଖ ଖୁର୍ସିଦ ଅଲ୍ଲୀ ସହଯୋଗ କରିଥିଲେ।




ପ୍ରମୋଦ ସ୍ୱାଇଁ, ନଳିନୀ ରଞ୍ଜନ ମହାପାତ୍ର।

### ଗ୍ରାମଦେବତୀଙ୍କ ମୂର୍ତ୍ତିକୁ ରାସ୍ତାରେ ଫିଙ୍ଗି ଦେଲେ

ରାଜନଗର,୨୭।୩(ଡି.ଏନ.ଏ.)

ରାଜନଗର ଗାଁର ଆରାଧ୍ୟା ଗ୍ରାମଦେବତୀ ମା' ଖରାଖାଇଙ୍କୁ କୁନା ସେଠୀ ଆସ୍ଥାନରୁ ଉଠାଇ ରାସ୍ତାରେ ଫିଙ୍ଗି ଦେବା ସହ ସୁନା, ରୁପା ଅଳଙ୍କାର ଲୁଟି ନେଇଥିବା ରବିବାର ସକାଳୁ ଗାଁର ଲୋକ ଦେଖିବାକୁ ପାଇଥିଲେ। ଏହାକୁ ନେଇ ଗାଁରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ କୁନାଙ୍କ ବିରୋଧ ରାଜନଗର ଥାନାରେ ଅଭିଯୋଗ ହୋଇଛି। ରବିବାର ସକାଳେ ଗ୍ରାମଦେବତୀ ରାସ୍ତା ଉପରେ ପଡ଼ିଥିବା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। ପରେ ବ୍ରାହ୍ମଣଙ୍କୁ ଡକାଇ ପୂଜାର୍ଚ୍ଚନା ପରେ ମା'ଙ୍କୁ ପୁଣି ଆସ୍ଥାନରେ ସ୍ଥାପନ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଶନିବାର ରାତିରେ ଗାଁର କୁନା ମା'ଙ୍କ ବାରଣ୍ଡାରେ ଶୋଇ ଥିଲେ। ମଧ୍ୟ ରାତ୍ରିରେ ମା'ଙ୍କ ମୂର୍ତ୍ତିକୁ ରାସ୍ତାରେ ଫିଙ୍ଗି ଦେବା ସହ ଅଳଙ୍କାରକୁ ଲୁଟି ନେଇଛନ୍ତି। ଅଭିଯୋଗ ପରେ ପୋଲିସ କୁନାଙ୍କୁ ଗିରଫ କରିଛି।

# ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ,୨୭।୩(ସ୍ୱ.ପ୍ର.)

ପାରାଦୀପସ୍ଥିତ ଜୟଦେବ ସଦନରେ ମାର୍ଚ୍ଚ ୧୯ରୁ ଚାଲିଥିବା ଜାତୀୟ ନାଟକ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଉତ୍ତରପ୍ରଦେଶ ଲକ୍ଷ୍ନୌ ସହରର ଦର୍ପଣ ଅନୁଷ୍ଠାନ ଏବଂ ଶୁଭଦୀପ ଶାହଙ୍କ ନିର୍ଦ୍ଦେଶିତ ନାଟକ 'ଆଖିର୍ ବସନ୍ତ' ମଞ୍ଚସ୍ଥ ହୋଇଥିଲା। ଏଥିରେ ଜଣେ ବୃଦ୍ଧ ଦମ୍ପତ୍ତି କିପରି ଉଚ୍ଚ ଶିକ୍ଷିତ ପୁଅ ବୋହୂଙ୍କ ଦ୍ୱାରା ନିର୍ଯାତିତ ହେଉଛନ୍ତି ସେ ସମ୍ପର୍କରେ କଳାକାରମାନେ ଦର୍ଶାଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ, ଆଇଓସିଏଲ ମହାପ୍ରବନ୍ଧକ କେ. ଭାଗୀରଥି, ଇଫ୍‌କୋ ନିର୍ବାହୀ ନିର୍ଦ୍ଦେଶକ କେ.ଜେ ପଟେଲ, କୋଷ୍ଟଗାର୍ଡ ଆଇଜି ୱାଇ.କେ. ସିଂ, କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ନାଟ୍ୟ ଅନୁଷ୍ଠାନ କାନମାସ ପକ୍ଷରୁ ଏହି ନାଟକ ମହୋତ୍ସବ ଆୟୋଜନ କରାଯାଇଥିଲା। ଏହାକୁ କାନମାସ ସଭାପତି ଅତୁଲ୍ୟ ମହାପାତ୍ର, ସମ୍ପାଦକ ଶ୍ରୀମନ ମିଶ୍ର ଓ ଅନ୍ୟମାନେ ପରିଚାଳନା କରିଥିଲେ।



ମଞ୍ଚସ୍ଥ ଆଖିର୍ ବସନ୍ତ ନାଟକର ଏକ ଦୃଶ୍ୟରେ କଳାକାରମାନେ।

# ସଭାପତି ଧ୍ରୁବଚରଣ, ସମ୍ପାଦକ ଜିତେନ୍ଦ୍ରୀୟ

### କେନ୍ଦ୍ରାପଡ଼ା ବାର ଆସୋସିଏଶନ

କେନ୍ଦ୍ରାପଡ଼ା ଅଫିସ, ୨୭।୩

କେନ୍ଦ୍ରାପଡ଼ା ଜିଲା ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଶେଷ ହୋଇଛି। ବରିଷ୍ଠ ଆଇନଜୀବୀ ଧ୍ରୁବଚରଣ ଜେନା ଆସୋସିଏଶନ ସଭାପତି ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ସଞ୍ଜୟ ପତ୍ରୀ ରବିବାର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ହାଡ଼ିବନ୍ଧୁ ସିଂହ ଉପସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ଏଥିସହ ଆସୋସିଏଶନର ସମ୍ପାଦକ ଭାବେ ଜିତେନ୍ଦ୍ରୀୟ ରାଉତ, ଯୁଗ୍ମସମ୍ପାଦକ ଅସ୍ତରାଗ ତ୍ରିପାଠୀ ଓ ଚୈତନ୍ୟ ମଲ୍ଲିକ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଆସୋସିଏଶନର କାର୍ଯ୍ୟକାରୀ ସଭ୍ୟ ଭାବେ ଚିତ୍ରାନନ୍ଦ ବେହେରା ଓ ଅଞ୍ଜନା ମହାନ୍ତି ନିର୍ବାଚିତ ହୋଇଥିବା ସେ ସୂଚନା ଦେଇଛନ୍ତି।



ନିର୍ବାଚିତ ପ୍ରତିନିଧିଙ୍କ ସହ ସଭାପତି।

### 'ସାହିତ୍ୟ ସାମାଜିକ ସମ୍ପର୍କ ସୃଷ୍ଟି କରେ'

ଏରସମା,୨୭।୩(ସ୍ୱ.ପ୍ର.)

ଏରସମା ବ୍ଲକ ମକରଧ୍ୱଜ ଶିଳ୍ପ କେନ୍ଦ୍ର ପରିସରରେ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ରବିବାର ବସନ୍ତ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ସାମାଜିକ ସମ୍ପର୍କ ସୃଷ୍ଟି କରେ ବୋଲି କହିଥିଲେ। ପଣ୍ଡିତ ନାଗୁ ଚରଣ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଣ୍ଠଶିଳ୍ପୀ ଜୀବନାନନ୍ଦ ଅଧିକାରୀ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସ୍ୱାଇଁ, ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ମଞ୍ଜୁବାଳା ରାଉତ, ଲୋକନାଥ ବଡ଼ପଣ୍ଡା, ବସନ୍ତ ମଞ୍ଜରୀ ଦାସ, ପ୍ରେମ ଚରଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଗେନ୍ଦ୍ରନାଥ ସ୍ୱାଇଁ ଓ ଖବରଦାତା ଅରୁଣ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଖାଦ୍ୟ ଅପଚୟ ରୋକିବାକୁ ପଥପ୍ରାନ୍ତ ନାଟକ

କେନ୍ଦ୍ରାପଡ଼ା ଅଫିସ, ୨୭।୩

ସମସ୍ତ ଜୀବଜଗତ ବଞ୍ଚିବା ପାଇଁ ଖାଦ୍ୟ ଆବଶ୍ୟକ। ପ୍ରକୃତି ଏହାକୁ ଯୋଗାଉଥିବା ବେଳେ ଖାଦ୍ୟ ନଷ୍ଟ ସମସ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ସେହିପରି ବିକାଶ ନାମରେ ପ୍ରକୃତିର ବିନାଶ ଜୀବଜଗତ ପାଇଁ ସମସ୍ୟା ସୃଷ୍ଟି କରୁଛି ବୋଲି କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ଏକ ସଚେତନଧର୍ମୀ ନାଟକ ରବିବାର ପରିବେଷଣ ହୋଇଛି। ଏ ସମ୍ପର୍କରେ କ୍ଲବର ଆବାହକ ମାତୃଦତ୍ତ ମହାନ୍ତି କହିଛନ୍ତି, ପରିବେଶ ସୁରକ୍ଷା ଯେତିକି ଆବଶ୍ୟକ, ସେହି ପରିମାଣରେ ଖାଦ୍ୟର ଅପଚୟ ରୋକିବା ଦରକାର। ସମ୍ପ୍ରତି ଖାଦ୍ୟର ସୁଷମ ବଣ୍ଟନ ରାଷ୍ଟ୍ରକୁ ନୂତନ ଦିଗ ଦେଖାଇବ ବୋଲି ବିଶ୍ୱ ନାଟ୍ୟ ଦିବସରେ ଏହି ପଥପ୍ରାନ୍ତ ନାଟକ ହୋଇଛି। ସାଇକେଲରେ ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଯାତ୍ରା ଆରମ୍ଭ କରି କେନ୍ଦ୍ରାପଡ଼ା ବ୍ଲକ ପାଣ୍ଡିରିଠାରେ ଏହି ନାଟକ ପରିବେଷଣ ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଏହି ନାଟକରେ ପ୍ରଭାକର ଦାସ, ଗୌତମ ସାହୁ, ଶଶିପ୍ରସାଦ ମହାରଣା, ବିଜୟ କୁମାର ବେହେରା, ଜ୍ଞାନରଞ୍ଜନ ଦାସ, ଖୁଲଣା ନାୟକ ପ୍ରମୁଖ ଅଭିନୟ କରିଥିଲେ।



ପାଣ୍ଡିରିଠାରେ କଳାକାରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପ୍ରଦର୍ଶିତ।

# ଉପାଧ୍ୟକ୍ଷ ପଦକୁ ନେଇ କସରତ

### ଜଗତ୍‌ସିଂହପୁର ପୌର ପରିଷଦ

- ବିଜେଡି ସପକ୍ଷରେ ୯, କଂଗ୍ରେସ ୭, ଭାଜପା ୨ ଓ ସ୍ୱାଧୀନ ୩ କାଉନସିଲର
- ନିର୍ଣ୍ଣାୟକ ହେବେ ଭାଜପା, ସ୍ୱାଧୀନ ପ୍ରାର୍ଥୀ

ଜଗତ୍‌ସିଂହପୁର ଅଫିସ, ୨୭।୩

ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ଓ କାଉନ୍‌ସିଲର ନିର୍ବାଚନ ପରେ ଏବେ ପୌର ଉପାଧ୍ୟକ୍ଷ ପଦକୁ ନେଇ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଅଙ୍କକଷା ଆରମ୍ଭ ହୋଇଯାଇଛି। ଏହି ପଦବୀ ପାଇଁ ନିର୍ବାଚନ ଆସନ୍ତା ୭ ତାରିଖରେ ହେବାକୁ ଥିବା ବେଳେ ଏବେଠାରୁ କସରତ ଆରମ୍ଭ ହୋଇଛି।

ଜଗତ୍‌ସିଂହପୁର ପୌରାଞ୍ଚଳରେ ମୋଟ ୨୧ଟି ୱାର୍ଡ ରହିଛି। ଏଥର ପୌରାଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହୋଇଥିବାବେଳେ କଂଗ୍ରେସ ପ୍ରାର୍ଥୀ ଅର୍ଚ୍ଚନା ସିଂ ନିର୍ବାଚିତ ହୋଇଛନ୍ତି। କାଉନସିଲର ପଦବୀରେ ୯ ବିଜେଡି, ୭ କଂଗ୍ରେସ, ୨ ଭାଜପା ଓ ୩ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ପୌର ଉପାଧ୍ୟକ୍ଷ ପଦବୀ ହାତେଇବାକୁ ହେଲେ ଅଧାରୁ ଅଧିକ ଅର୍ଥାତ୍ ୧୧ କାଉନସିଲର ଦରକାର। କିନ୍ତୁ କୌଣସି ଦଳ ପାଖରେ ସଂଖ୍ୟା ଗରିଷ୍ଠତା ନାହିଁ। ବିଜେଡି ପାଇଁ ଆଉ ୨ ଆବଶ୍ୟକ ଥିବାବେଳେ କଂଗ୍ରେସର ୪ ଜଣ ଦରକାର। ରାଜନୀତି ସମୀକ୍ଷକଙ୍କ ମତ ଅନୁସାରେ ବିଜେଡି ସପକ୍ଷରେ ୨୦ନଂ. କାଉନସିଲର ଦୀପ୍ତିରଞ୍ଜନ ସାହୁ (ସ୍ୱାଧୀନ) ଆସିବା ଯଥେଷ୍ଟ ସମ୍ଭାବନା ରହିଛି। କାରଣ ସେ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ଦଳ ତାଙ୍କୁ ସୁଯୋଗ ନ ଦେବାରୁ ସେ ସ୍ୱାଧୀନରେ ମଇଦାନକୁ ଓହ୍ଲାଇଥିଲେ। ବଡ଼କଥା ହେଲା, ଏହି ୱାର୍ଡଟି ବିଜେଡିର ଦୁର୍ଗ ବୋଲି କୁହାଯାଏ। ଏଠାରେ ବିଗତ କେତୋଟି ନିର୍ବାଚନରେ ବିଜେଡି ପ୍ରାର୍ଥୀ ଜିତିଥିଲେ। ଏଥର ବିଜେଡି ପ୍ରାର୍ଥୀ ସୁବ୍ରତ ପରିଡାଙ୍କ ବାପା ଗତଥର କାଉନସିଲର ଥିବାବେଳେ ଉକ୍ତ ୱାର୍ଡରେ ତାଙ୍କ ଦବ୍‌ଦବା ଥିଲା। ଦୀପ୍ତିରଞ୍ଜନଙ୍କର ମଧ୍ୟ ୱାର୍ଡରେ ଭଲ ସଙ୍ଗଠନ ରହିଥିଲା। ଉଭୟ ଦଳୀୟ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବାବେଳେ ନେତୃତ୍ୱ ସୁବ୍ରତଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ। ନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହୋଇଥିଲା। ବିଜେଡି ସପକ୍ଷରେ ୨୯୧, କଂଗ୍ରେସର ସୂର୍ଯ୍ୟକାନ୍ତ ସାହୁଙ୍କୁ ୨୦୪ ଓ ସ୍ୱାଧୀନ ପ୍ରାର୍ଥୀ ଦୀପ୍ତିରଞ୍ଜନଙ୍କୁ ୨୯୯ ଖଣ୍ଡ ଭୋଟ ମିଳିଥିଲା। ବିଜେଡି ପ୍ରାର୍ଥୀ ସୁବ୍ରତଙ୍କଠାରୁ ସ୍ୱାଧୀନ ପ୍ରାର୍ଥୀ ଦୀପ୍ତିରଞ୍ଜନ ୮ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଥିଲେ। ଏବେ ଉପାଧ୍ୟକ୍ଷ ପଦବୀ ପାଇଁ ବିଜେଡି ପାଖରେ ଆବଶ୍ୟକ ସଂଖ୍ୟା ନ ଥିବାରୁ ଦୀପ୍ତିରଞ୍ଜନଙ୍କୁ ମନାଇବାକୁ ଦଳ ପକ୍ଷରୁ ଉଦ୍ୟମ ହେଉଥିବା ଆଲୋଚନା ହେଉଛି। ହେଲେ ତାଙ୍କୁ ଉପାଧ୍ୟକ୍ଷ ପଦବୀ ମିଳିଲେ ସେ ସମର୍ଥନ କରିବେ ବୋଲି ସର୍ତ୍ତ ରଖୁଥିବା ତାଙ୍କର ଜଣେ ନିକଟ ସମ୍ପର୍କୀୟ ସୂଚନା ଦେଇଛନ୍ତି। ବାସ୍ତବରେ ଦୀପ୍ତିରଞ୍ଜନ ସାମିଲ ହେଲେ ବିଜେଡି ପାଇଁ ଆଉ ଜଣେ କାଉନ୍‌ସିଲରଙ୍କ ଆବଶ୍ୟକତା ରହିଛି। ଏହି ସଂଖ୍ୟା ପୂରଣ କରିବାକୁ ବିଜେଡିକୁ ସ୍ୱାଧୀନ ୨ କିମ୍ବା ଭାଜପାର ୨ କାଉନସିଲରଙ୍କ ମଧ୍ୟରୁ ଜଣଙ୍କୁ ହାତେଇବାକୁ ପଡ଼ିବ। ଏବେର ରାଜନୈତିକ ସ୍ଥିତି ଯାହା ରହିଛି ଭାଜପାର ୨ ଜଣ ବିଜେଡି ସହ ବୁଝାମଣା କରି ନ ପାରନ୍ତି। ଯେହେତୁ କେନ୍ଦ୍ରରେ ଅନେକ କ୍ଷେତ୍ରରେ ଭାଜପା ସହ ବିଜେଡି ହାତ ମିଳାଇଛି ସେ ଦୃଷ୍ଟିରୁ ବୁଝାମଣାକୁ ସମ୍ପୂର୍ଣ୍ଣ ଏଡ଼ାଇ ଦିଆଯାଇ ନ ପାରେ। ଏହା ନ ହେଲେ ଅବଶିଷ୍ଟ ୨ ସ୍ୱାଧୀନ କାଉନ୍‌ସିଲରଙ୍କ ମଧ୍ୟରୁ ଜଣଙ୍କ ସମର୍ଥନ ଜରୁରୀ। କିନ୍ତୁ ଏହି ୨ କାଉନ୍‌ସିଲର ବିଜେଡିକୁ ସମର୍ଥନ କରିବା ସ୍ଥିତିରେ ନ ଥିବା ବିଶେଷ ସୂତ୍ରରୁ ଜଣାଯାଇଛି। ଯଦି ଜଣେ ସମର୍ଥନ ଦିଅନ୍ତି ତେବେ ବିଜେଡି ଉପାଧ୍ୟକ୍ଷ ପଦ ଦଖଲ କରିବା ସମ୍ଭବ ହେବ। ଅନ୍ୟପକ୍ଷେ କଂଗ୍ରେସ ପାଇଁ ଆବଶ୍ୟକ ୪ କାଉନ୍‌ସିଲରଙ୍କ ସମର୍ଥନ ମିଳିଯିବା ସମ୍ଭାବନା ଦେଖାଦେଇଛି। ୭ନଂ. ଓ ୧୭ନଂ. ୱାର୍ଡର ସ୍ୱାଧୀନ କାଉନ୍‌ସିଲର ଯଥାକ୍ରମେ ଗୋଲାମ ଅଲ୍ଲୀ ଖାଁ ଓ ଦେବାଶିଷ ସ୍ୱାଇଁ କଂଗ୍ରେସ ସହ ହାତ ମିଳାଇବା ନେଇ ଚର୍ଚ୍ଚା ହେଉଛି। ଏଥିସହ ଭାଜପାର ୨ କାଉନ୍‌ସିଲର ମଧ୍ୟ ମିଶିପାରନ୍ତି। କିନ୍ତୁ ଉପାଧ୍ୟକ୍ଷ ପଦବୀ ହାତେଇବାକୁ ସ୍ୱାଧୀନ ଓ ଭାଜପା କାଉନ୍‌ସିଲରମାନେ ଦାବିଦାର ହୋଇପାରନ୍ତି। ଯଦି ସେଭଳି ପରିସ୍ଥିତି ଉପୁଜେ ତେବେ ଭାଜପା କିମ୍ବା ସ୍ୱାଧୀନଙ୍କ ମଧ୍ୟରୁ ଜଣଙ୍କୁ ଉପାଧ୍ୟକ୍ଷ କରିବାକୁ କଂଗ୍ରେସ ପଛଘୁଞ୍ଚା ଦେଇ ନ ପାରେ ବୋଲି କୁହାଯାଉଛି। ଆଗକୁ ଦେଖିବାର ଅଛି ଏହି ପଦବୀ କାହା ଦଖଲକୁ ଯାଉଛି।

**ମେଳଣରେ ଗଣ୍ଡଗୋଳ, ୨ ଆହତ**

**ପାଣିକୋଇଲି,(ଡି.ଏନ.ଏ.):** ପାଣିକୋଇଲି ମେଳଣ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ଶନିବାର ମେଳଣରେ ପଥରପଦା ଓରିନ୍ଦା ଗ୍ରାମର ଶଶିକାନ୍ତ ପାଢ଼ୀଙ୍କ ପୁଅ ନୀଳମଣି ତାଙ୍କ ମାମୁ ସରୋଜ ପଣ୍ଡାଙ୍କ ସହ ଥିବା ବେଳେ ଦିଲୀପ ମଲ୍ଲିକଙ୍କ ସହ କେତେଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ନୀଳମଣି ଆହତ ହୋଇଥିଲେ। ସରୋଜଙ୍କ ଅଭିଯୋଗକ୍ରମେ ଏକ ମାମଲା ନଂ.୬୭/୨୨ ରୁଜୁ କରାଯାଇଛି। ଅପରପକ୍ଷେ ଅଳତିରି ଗ୍ରାମର ଶୈଳବାଳା ମଲ୍ଲିକଙ୍କ ଅଭିଯୋଗ ମୁତାବକ ତାଙ୍କ ସ୍ୱାମୀ ଅନିରୁଦ୍ଧଙ୍କୁ ସରୋଜ ଆକ୍ରମଣ କରିବା ଦ୍ୱାରା ସେ ଆହତ ହୋଇଛନ୍ତି। ଏନେଇ ଏକ ମାମଲା ନଂ.୬୮/୨୨ ରୁଜୁ ହୋଇଛି।

## ସଂକ୍ଷେପରେ

### ସରକାରୀ ଦୋକାନରୁ ନକଲି ମଦ ଜବତ, ୪ ଅଟକ

**ଚଣ୍ଡିଖୋଲ,୨୭ା୩(ଡି.ଏନ.ଏ.):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ତାଲୁଆ ବାଲିକୁଦାଠାରେ ଥିବା ସରକାରୀ ବିଦେଶୀ ମଦ ଦୋକାନରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଦ୍ୱାରା ରବିବାର ରାତିରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ୫୦୦ ରୁ ୬୦୦ ବୋତଲ ନକଲି ବିଦେଶୀ ମଦ ଜବତ କରାଯାଇଛି। ଏହାସହ ନକଲି ଲେବୁଲ, ବୋତଲ ଓ ନକଲି ଠିପି ମଧ ଜବତ କରାଯାଇଛି। ମଦ ଦୋକାନରେ ଥିବା ୪ଜଣ କର୍ମଚାରୀଙ୍କୁ ବିଭାଗ ତରଫରୁ ଅଟକ ରଖାଯାଇଛି। ଚଢ଼ାଉ ସମୟରେ ଅବକାରୀ ଅଧିକାରୀଙ୍କୁ ବିରୋଧ ହେବାରୁ ସେମାନେ ବାଲିଚନ୍ଦ୍ରପୁର ପୋଲିସର ସହାୟତା ନେଇଥିଲେ। କଟକ ଅବକାରୀ ବିଭାଗ ଫ୍ଲାଇଙ୍ଗ ସ୍କ୍ୱାଡ୍ ଏସ୍‌ପି ଦେବାଶିଷ ପଟେଲଙ୍କ ନେତୃତ୍ୱରେ ଆରକ୍ଷୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ, ସରୋଜ କୁମାର ପରିଡ଼ାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ଚଢ଼ାଉ ବେଳେ ଦୋକାନ ମାଲିକ ଫେରାର ଥିବା ଏସ୍‌ପି ପଟେଲ ସୂଚନା ଦେଇଛନ୍ତି।

### ଚାକିରି ନାଁରେ ୪୫ ହଜାର ଠକେଇ: ଜଣେ ଗିରଫ

**ସିଂହପୁର,୨୭ା୩(ଡି.ଏନ.ଏ.):** ଚାକିରି କରାଇ ଦେବା ନାଁରେ ୪୫ ହଜାର ଟଙ୍କା ଠକେଇ କରିଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ କପାସି ଗ୍ରାମର ଶ୍ରୀଧର ସାହୁ। ଶ୍ରୀଧର ଚାକିରି କରାଇଦେବାକୁ କହି ବାଙ୍ଗରା ଗ୍ରାମର ରାଜେନ୍ଦ୍ର ନନ୍ଦଙ୍କ ପୁଅ ଶେଖରଙ୍କଠାରୁ ୨୦ ହଜାର ଓ ରାଜେନ୍ଦ୍ରଙ୍କ ଜ୍ୱାଇଁ ସୁବାସ ଚନ୍ଦ୍ର ମିଶ୍ରଙ୍କଠାରୁ ୨୫ ହଜାର ଟଙ୍କା ନେଇଥିଲେ। ହେଲେ ଚାକିରି କରାଇ ପାରି ନ ଥିଲେ। ତେଣୁ ରାଜେନ୍ଦ୍ର ତାଙ୍କୁ ଟଙ୍କା ମାଗିଥିଲେ। କିନ୍ତୁ ଶ୍ରୀଧର ଧରାଛୁଆଁ ଦେଉ ନ ଥିଲେ। ଫଳରେ ରାଜେନ୍ଦ୍ର ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୫୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଖଣି ନିଗମ ପକ୍ଷରୁ ଗ୍ରାମୀଣ ସ୍ୱାସ୍ଥ୍ୟ ଶିବିର

**କାଳିଆପାଣି,୨୭ା୩(ଡି.ଏନ.ଏ.):** ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ ସୁକିନ୍ଦା ବ୍ଲକ କାଙ୍କଡ଼ପାଳ ପଞ୍ଚାୟତର ଚଟକି ପଶି ପ୍ରାଥମିକ ବିଦ୍ୟାଳୟରେ ଏକ ଗ୍ରାମୀଣ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଏମ୍‌ସିର ପାରିପାର୍ଶ୍ୱିକ ପରାମର୍ଶଦାତା ମଧୁସ୍ମିତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ନିଗମର ଆଞ୍ଚଳିକ ପ୍ରବନ୍ଧକ ଇଂ. ପ୍ରଶନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଡାକ୍ତର ବିଶ୍ୱରଞ୍ଜନ ପଟ୍ଟନାୟକ ଶତାଧିକ ପୁରୁଷ, ମହିଳା ଓ ଶିଶୁଙ୍କ ରୋଗ ପରୀକ୍ଷା କରିଥିଲେ। ନିଗମ ପକ୍ଷରୁ ସମସ୍ତଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ସଞ୍ଜୟ ପରିଡ଼ା, ଜିଲା ପରିଷଦ ସଭ୍ୟା ଜେମା ଚାଖି, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରତାପ ପାତ୍ର, ନିର୍ମାଣ ବିଭାଗ ବରିଷ୍ଠ ପରିଚଳକ ଇଂ. ଅଭିମନ୍ୟୁ ପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ହିନ୍ଦୁରାମ ଚାଖି ଓ ସୁମି କିସ୍କୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୀମା ଟପିଛି ରାମ୍‌କୋ ସିମେଣ୍ଟର ପ୍ରଦୂଷଣ

**ଯାଜପୁର ଅଫିସ,୨୭ା୩**

ରାମ୍‌କୋ ସିମେଣ୍ଟ କାରଖାନା ଦ୍ୱାରା ବାୟୁ ପ୍ରଦୂଷଣ ଏବେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ରଘୁନାଥପୁର, ଜୋଗରଡା, ଗୁଆରଙ୍ଗ, ମୁରାରିପୁର ଗ୍ରାମବାସୀଙ୍କୁ କବଳିତ କରିଛି। ବିଷାକ୍ତ ଜିପ୍‌ସମ୍ ଓ ସିମେଣ୍ଟ ଗୁଣ୍ଡ ମଧ୍ୟରେ ରହି କାଳ କାଟୁଥିବା ଏହି ଗ୍ରାମବାସୀ ଚରମ ଦୁର୍ଦ୍ଦଶା ଭୋଗୁଛନ୍ତି। ପ୍ରଦୂଷଣରେ ଗାଁର ପାଣି, ପବନ, ମୃତ୍ତିକା ସବୁ ବିଷାକ୍ତ ହୋଇଯାଇଛି। ସ୍ୱଚ୍ଛ ପାଣି ଟୋପାଏ ପାଇବା ଲୋକଙ୍କ ପାଇଁ ସ୍ୱପ୍ନ ହୋଇଛି। ଏଥିସହ କାରଖାନାର ଭାରିଯାନଗୁଡ଼ିକର ବହୁଳ ଚଳାଚଳ ଯୋଗୁ ନିର୍ଗତ ଧୂଳିଧୂଆଁ, ବିଷାକ୍ତ ଗ୍ୟାସ୍ ପ୍ରଭାବରେ ବାୟୁ ପ୍ରଦୂଷଣ ଚରମ ସୀମାକୁ ଟପିଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ରାମ୍‌କୋ ସିମେଣ୍ଟ ଲିମିଟେଡକୁ କାରଖାନା ପ୍ରତିଷ୍ଠା କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ୧୪୩୪୯/୨୮।୧୦।୨୦୧୭ରେ

### ବିପଦ ବଢ଼ାଉଛି ସିମେଣ୍ଟ, ଜିପ୍‌ସମ୍ ଗୁଣ୍ଡ

ବିଭିନ୍ନ ସର୍ତ୍ତରେ ଅନୁମତି ମିଳିଥିଲା। ତାମିଲନାଡୁର ବିରୁଧୁନଗର ରାଜାପଲାୟମ ତହସିଲ ଅଧୀନ ଏହି କମ୍ପାନୀ ୪୪୦ କୋଟି ଟଙ୍କା ବ୍ୟୟରେ ୧୦୦ ଏକର ଜମିରେ ଏହି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ସ୍ଥାପନ କରିଛି। ହେଲେ ଏଥିପାଇଁ ଜମି ଅଧିଗ୍ରହଣରେ ବ୍ୟାପକ ଅନିୟମିତତା କରାଯାଇଛି। ଓଡ଼ିଶା ଭୂସଂସ୍କାର ଆଇନର ଖୋଲାଖୋଲି ଉଲ୍ଲଂଘନ କରାଯାଇ ଯାଜପୁର ଜିଲା ଧର୍ମଶାଳା ତହସିଲ ହରିଦାସପୁରଠାରେ ଶାଗମାଛ ଦରରେ ଲୋକଙ୍କଠାରୁ ପର୍ଯ୍ୟାୟକ୍ରମେ ଚାଷଜମି ଓ ଘରବାଡି ଜମିକୁ ହାତେଇ ନିଆଯାଇଛି। ଇଡ୍‌କୋ ଜରିଆରେ ଅଧିଗ୍ରହଣ ହୋଇ ନ ଥିବାବେଳେ ଜିଲା ଜମି ଅଧିଗ୍ରହଣ ଉପଦେଷ୍ଟା ମଣ୍ଡଳୀର ମଧ୍ୟ ଅନୁମତି ଲୋଡ଼ା ଯାଇନାହିଁ। ଫଳରେ କ୍ଷତିଗ୍ରସ୍ତ ପରିବାର ଲୋକେ ଏହି କମ୍ପାନୀରୁ



ସିମେଣ୍ଟ କାରଖାନାରୁ ବାୟୁ ପ୍ରଦୂଷଣ ହେଉଛି।

କୌଣସି ପ୍ରକାରେ ଉପକୃତ ହେଉ ନ ଥିବାବେଳେ ଓଲଟା ବାୟୁ ପ୍ରଦୂଷଣରେ ଅତିଷ୍ଠ ହେଉଛନ୍ତି। ରାମ୍‌କୋ କାରଖାନାର ଏହି ବେଆଇନ କାର୍ଯ୍ୟକୁ କେତେଜଣ ସ୍ଥାନୀୟ ନେତା ସହଯୋଗ କରୁଥିବାରୁ ଜିଲା ପ୍ରଶାସନ ମୁହଁ ଖୋଲିବାରେ ସାହସ ଜୁଟାଇ ପାରୁନାହିଁ। ଏସ୍‌ପିସିବି ରାମ୍‌କୋ କମ୍ପାନୀର ହାତବାରିସ ସାଜିଥିବାରୁ ବାୟୁ ଓ ପ୍ରଦୂଷଣ କେବଳ ଅନିୟନ୍ତ୍ରିତ ନୁହେଁ, ସାଂଘାତିକ ହେଉଥିବା କ୍ଷୋଭ ପ୍ରକାଶ ପାଇଛି। ଏହି ସିମେଣ୍ଟ କାରଖାନାର ଉତ୍ତର ଦିଗକୁ ରଘୁନାଥପୁର ଓ ଜୋଗରଡ଼ା ଗ୍ରାମ ରହିଛି। ଏହି ଦୁଇ ଗ୍ରାମର ପୋଖରୀ ପାଣି ଉପରେ ସିମେଣ୍ଟ କାରଖାନାରୁ ନିର୍ଗତ ଗୁଣ୍ଡ ଆସ୍ତରଣ ଜମି ରହିଛି। ସମଗ୍ର ଅଞ୍ଚଳରେ ଧଳା ପାଉଁଶର କୁହୁଡି ସୃଷ୍ଟି ହେଉଛି। ପ୍ରଦୂଷଣର ବିଷ ବଳୟରେ ଆଖପାଖ ୫ଟି ଗ୍ରାମର ପ୍ରାୟ ୧୦ ହଜାର ଲୋକ ଦହଗଞ୍ଜ ହେଉଛନ୍ତି। ବିନା ଜନଶୁଣାଣିରେ ନିର୍ମାଣ ହୋଇଥିବା ଅତି ପ୍ରଦୂଷିତ ସିମେଣ୍ଟ କାରଖାନା ପ୍ରତି ପ୍ରଭାବଶାଳୀଙ୍କ ଆଶୀର୍ବାଦ ରହିଥିବାରୁ ସେମାନେ ଆଉ କାହାକୁ ମାନୁନାହାନ୍ତି। ସରକାର ଗୋଟିଏ ପଟେ ପରିବେଶର ସୁରକ୍ଷା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ, ଜଙ୍ଗଲ ସୃଷ୍ଟି ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଅନ୍ୟପଟେ ଘରୋଇ କମ୍ପାନୀଗୁଡ଼ିକୁ ପରିବେଶର ବିପର୍ଯ୍ୟୟ ପାଇଁ ସହଯୋଗ କରାଯାଉଛି। ମୁରାରିପୁର ଗ୍ରାମର ଜୟଦେବ ନାଏକ ଓ ସତ୍ୟବ୍ରତ ରାଉତ, ଗୁଆରଙ୍ଗ ଗ୍ରାମର ଚୁନା ବାରିକ କୁହନ୍ତି, ରାମ୍‌କୋ ସିମେଣ୍ଟର ବିଷାକ୍ତ ଗ୍ୟାସ୍ ସହ ଗୁଣ୍ଡ ଯୋଗୁ ଜୀବନଜୀବିକା ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହୁ ନ ଥିବାବେଳେ ଅଧିକାଂଶ ଲୋକ କାଶ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେମାନେ ଯକ୍ଷ୍ମାରୋଗରେ ପୀଡ଼ିତ ହେବା ଆଶଙ୍କା ରହିଛି। ତେଣୁ ଏସ୍‌ପିସିବି ଏଥିପ୍ରତି ଦୃଷ୍ଟି ନ ଦେଲେ ସେମାନେ ବଞ୍ଚିବା କଷ୍ଟକର ହେବ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଏଯାଏ କୌଣସି ଅଭିଯୋଗ ଆସିନାହିଁ। ତେବେ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ।

**ବାଲିଘାଟ ବିବାଦରୁ ମୁଣ୍ଡ ଗଡ଼ିବା ଘଟଣା**

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ କୋର୍ଟଚାଲାଣ

**ବିଞ୍ଝାରପୁର,୨୭ା୩(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅଧୀନ ଫତେପୁରସ୍ଥିତ ମନେଇ ବାଲିଘାଟ ବୋମାମାଡ଼ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ମୋଟ୍ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଫତେପୁର ପଞ୍ଚାୟତ ନାଉପାଳ ଗ୍ରାମର ଗିରିଧାରୀ ମଲିକ ଓରଫ୍ ଟେରୁ ଓ ତାଙ୍କ ପୁଅ ବିଷ୍ଣୁ ମଲିକ ଏବଂ ମାଁସଡ଼ା ଗାଁର ସୁରେନ୍ଦ୍ର ମଲିକ। ଗତ ୨୪ ତାରିଖ ସନ୍ଧ୍ୟାରେ ବାଲିଘାଟ ବିବାଦକୁ କେନ୍ଦ୍ରକରି ଟେରୁ କଲ୍ୟାଣପୁର ଗାଁର ସୁରେନ୍ଦ୍ର ଦାଶଙ୍କ ଉପରକୁ ବୋମା ଫିଙ୍ଗିଥିଲେ। ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ନଂ.୨୨୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ବିଞ୍ଝାରପୁର ଏଏସଆଇ କସ୍ତୁରୀ ଚରଣ ଦାସଙ୍କୁ ମଧ ନିଲମ୍ବିତ କରାଯାଇଥିଲା।

# କାର୍ଯ୍ୟକ୍ଷମ ହେଉନି ମଲାରିଆ ପାଣିଟାଙ୍କି

- ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ
- ପାଇପ୍ ବିଛା ନାମରେ ଲକ୍ଷାଧିକ ଟଙ୍କା ଚଳୁ

**ରଗଡି,୨୭ା୩(ଡି.ଏନ.ଏ.)**

ଗ୍ରାମାଞ୍ଚଳଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେଜଣ କୁଚକ୍ରୀ ଠିକାଦାର ଓ ଦୁର୍ନୀତିଖୋର ବିଭାଗୀୟ ଅଧିକାରୀମାନଙ୍କ ପାଇଁ ସାଧାରଣ ଲୋକେ ନିଜ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା କୋରେଇ ବ୍ଲକ ପାଟରଙ୍ଗା ପଞ୍ଚାୟତର ମଲାରିଆ ଗ୍ରାମରେ। ଏଠାରେ ୩ ବର୍ଷ ହେବ ଏକ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜଳ ଯୋଗାଣ ପାଇଁ କାର୍ଯ୍ୟକ୍ଷମ ହେଉନାହିଁ। ଫଳରେ ଏହି ଜଳ ପ୍ରକଳ୍ପ ଉପରେ ନିର୍ଭର କରୁଥିବା



ମଲାରିଆ ଜଳଯୋଗାଣ ପ୍ରକଳ୍ପ।

ମଲାରିଆ ଗ୍ରାମର ଶତାଧିକ ପରିବାର ଓ ଭାଲୁକାହୁଡ଼ି ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ପିଇବା ପାଣି ଟିକିଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପାଇପ୍ ବିଛା ନାମରେ ଲକ୍ଷାଧିକ ଟଙ୍କା ଚଳୁ କରାଯାଇଥିବା ଅଭିଯୋଗ ହେଉଛି। ତେବେ ବାରମ୍ବାର ବୋରିଂ ଫେଲ୍ ହେଉଥିବାରୁ ଜଳ ଯୋଗାଣ ହୋଇପାରୁ ନ ଥିବା ବିଭାଗୀୟ ଅଧିକାରୀ କହୁଥିବାବେଳେ ଏହାର ପ୍ରତିକାର ପାଇଁ କିଛି ପଦକ୍ଷେପ ନିଆଯାଉନାହିଁ। ଏହି ଟାଙ୍କିଠାରୁ ୨୦୦ ମିଟର ଦୂରରେ ଅନ୍ୟ ଏକ ବୋରିଂ ବର୍ଷେ ହେବ ଶେଷ ହୋଇ ସାରିଥିଲେ ମଧ ଏଯାଏ ଜଳ ଯୋଗାଣ ହୋଇ ପାରିନାହିଁ। ଏ ସମ୍ବନ୍ଧରେ କନିଷ୍ଠ ଯନ୍ତ୍ରୀ ସୁଧାକର ପଣ୍ଡାଙ୍କ ପ୍ରତିକ୍ରିୟା ନେବାକୁ ତାଙ୍କୁ ଯୋଗାଯୋଗ କରିଥିଲେ ମଧ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

# ସାଉଡ଼ିଆ ପାକ୍ସରେ ଅନିୟମିତତା

**ଚଣ୍ଡିଖୋଲ,୨୭ା୩(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକର ସାଉଡିଆ ପ୍ରାଥମିକ କୃଷି ସେବା ସମବାୟ ସମିତି (ପାକ୍ସ)ରେ ବ୍ୟାପକ ଅନିୟମିତତା ନେଇ ସମିତିର ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଉପନିବନ୍ଧକ ସମବାୟ ସମିତି ସମୂହଙ୍କୁ ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ଲେଖିଛନ୍ତି।

ଚାଷୀଙ୍କ ଅଭିଯୋଗ ମୁତାବକ, ସମିତି ଅଧୀନରେ ଥିବା ଗ୍ରାମରେ ବର୍ଷା, ବନ୍ୟା ଯୋଗୁ ଶାରଦ ଧାନ ଫସଲ ନଷ୍ଟ ହୋଇଛି। ତେଣୁ ଏଠାରେ ଧାନ ଫସଲ ନ ଥିବାବେଳେ ବ୍ୟବସାୟୀଙ୍କ ଧାନକୁ ମଣ୍ଡିରେ ମିଲରଙ୍କୁ ଯୋଗାଇ ଦିଆଯାଇଛି। ଋଣ କରାଇଦେବା ନାମରେ ଚାଷୀଙ୍କଠାରୁ ଆଗୁଆ ଚେକ୍ ନେଇ ସମିତି ସମ୍ପାଦକ ପ୍ରଶାନ୍ତ ରାଉତ ଧାନ ବିକ୍ରି ଟଙ୍କା ଉଠାଇ ନେଇଛନ୍ତି। ସେହିଭଳି ଫସଲ ବୀମା ଟଙ୍କା ଛାଡ଼ ନାମରେ ଟଙ୍କା ଆତ୍ମସାତ ହୋଇଥିବା ଚାଷୀ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ଏହି ସମିତିରେ ସଦସ୍ୟ ଥିବା ଚାଷୀଙ୍କୁ ଉଚିତ ସମୟରେ ଋଣ ପ୍ରଦାନ ନ କରି ନ କଲି ଚାଷୀଙ୍କ ନାମରେ ଋଣ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି। ଚାଷୀଙ୍କ

### କାର୍ଯ୍ୟାନୁଷ୍ଠାନ ପାଇଁ ଉପନିବନ୍ଧକଙ୍କୁ ଚିଠି ଲେଖିଲେ ବିଧାୟକ

ପାସ୍ ବୁକ ଓ ଚେକ ବହି ସବୁକୁ ସମ୍ପାଦକ ନିଜ ଅକ୍ତିଆରରେ ରଖିଥିବା ବେଳେ କେଉଁ ଚାଷୀର କେତେ ଟଙ୍କା ଋଣ କରାଯାଉଛି ତାହା ସେମାନଙ୍କୁ ସୂଚନା ଦିଆଯାଉନାହିଁ। ୪ ବର୍ଷ ମଧ୍ୟରେ ଏହି ସେବା ସମବାୟ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇନାହିଁ। ମାତ୍ର ଜାଲ କାଗଜପତ୍ରରେ ବୈଠକ ହେଉଥିବା ଦର୍ଶାଯାଉଛି। ସେହିପରି ଏହି ସମିତିର ସମ୍ପାଦକ ଏବେ ଭରତପୁର ସେବା ସମବାୟ ସମିତିରେ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ସେଠାରେ ମଧ ଧାନ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଚାଷୀ ବିଭାଗୀୟ ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏସବୁକୁ ନେଇ ସାଉଡିଆ ସେବା ସମବାୟ ସମିତି ଅଧୀନରେ ଥିବା ଚାଷୀ ଏଆରସିଏସ ଯାଜପୁର ଓ ବଡ଼ଚଣା ବିଧାୟକଙ୍କୁ ଗତ ୨୪ ତାରିଖରେ ଅଭିଯୋଗ କରିଥିଲେ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଧାୟକ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଉପନିବନ୍ଧକ ସମବାୟ ସମିତି ସମୂହଙ୍କୁ ଚିଠି ଲେଖିଛନ୍ତି। ଏନେଇ ସମ୍ପୃକ୍ତ ସମ୍ପାଦକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ବରୀରେ ରାଜକିଶୋର ସଭାପତି ନିର୍ବାଚିତ

**ବରୀ,୨୭ା୩(ଡି.ଏନ.ଏ.)**

ବରୀ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜକିଶୋର ସାମଲ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ହରିଶ ଚନ୍ଦ୍ର ଧଳ, ବାବାଜି ଚରଣ ଜେନା ସମ୍ପାଦକ, ଧୀରେନ୍ଦ୍ର କୁମାର ସ୍ୱାଇଁ ଯୁଗ୍ମ ସମ୍ପାଦକ, ଭବାନୀ ପ୍ରସାଦ ପଣ୍ଡା ସହକାରୀ ସମ୍ପାଦକ, ପାଠାଗାର ସମ୍ପାଦକ ବାଞ୍ଛାନିଧି ସାହୁ, ସହକାରୀ ପାଠାଗାର ସମ୍ପାଦକ ତପନ କୁମାର ଜେନା, କୋଷାଧ୍ୟକ୍ଷ ଗୁଣନିଧି ନାୟକ, ସାଂସ୍କୃତିକ ସମ୍ପାଦକ ନନୀ ଗୋପାଳ ଜେନା ଓ ସହକାରୀ ସାଂସ୍କୃତିକ ସମ୍ପାଦକ ଭାବେ ପରେଶ ଚନ୍ଦ୍ର କର ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ଅଜମ୍ବର ମଲିକ, ଧରଣୀଧର ଧଳ, ପ୍ରଶାନ୍ତ କୁମାର ବେହୁରା, ସଞ୍ଜୁକ୍ତା ସେଠୀ ଓ ସରୋଜ ପଣ୍ଡା ପ୍ରମୁଖ ନିର୍ବାଚିତ ହୋଇଥିବା ବରୀ ଓକିଲ ସଂଘ ପକ୍ଷରୁ ସୂଚନା ମିଳିଛି।

## ମାନସ ରଞ୍ଜନ ସାମଲ ସଭାପତି ନିଯୁକ୍ତ

**ଯାଜପୁର ଅଫିସ,୨୭ା୩**



ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ ସମ୍ପନ୍ନ ହୋଇଛି। ଏଥିରେ ମାନସ ରଞ୍ଜନ ସାମଲ ସଭାପତି, ଦେବେନ୍ଦ୍ର ପଣ୍ଡା ଉପସଭାପତି, ଧନେଶ୍ୱର ବାରିକ ସମ୍ପାଦକ, ଅଶୋକ କୁମାର ଶର୍ମା ଯୁଗ୍ମ ସମ୍ପାଦକ, ସସ୍ମିତା ସ୍ୱାଇଁ ସହସମ୍ପାଦକ, ଦିଲୀପ କୁମାର ନାୟକ ଲାଇବ୍ରେରୀ ସମ୍ପାଦକ ଓ ଦିପୁ ବାରିକ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହାବାଦ ରମାକାନ୍ତ ସେଠୀ, ବିଜୟ ନନ୍ଦ ପୃଷ୍ଟି, ଅକ୍ଷୟ କୁମାର ବାରିକ, ଘନଶ୍ୟାମ ସାହୁ ନିର୍ବାହୀ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଲକ୍ଷ୍ମୀଧର ସାହୁ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ।

# ବାଲ୍ୟବିବାହ ରୋକିଲା ପ୍ରଶାସନ

**କଳିଙ୍ଗନଗର,୨୭ା୩(ଡି.ଏନ.ଏ.)**

ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତ ମାନଗୋବିନ୍ଦପୁର ସଅର ସାହିରେ ରବିବାର ହେବାକୁ ଥିବା ଏକ ବାଲ୍ୟ ବିବାହକୁ ଜିଲା ପ୍ରଶାସନ ବନ୍ଦ କରିଛି। ଚାଇଲ୍ଡ ଲାଇନ୍ ଓ ଆସ୍‌ପାୟାରର ମିଳିତ ହସ୍ତକ୍ଷେପ ଯୋଗୁ ଏହି ବିବାହ କାର୍ଯ୍ୟ ବନ୍ଦ ହୋଇପାରିଛି। ସଅରସାହି ବସ୍ତିରେ ରହୁଥିବା ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ସହ ଭୁବନେଶ୍ୱରର ଜଣେ ୧୫ ବର୍ଷର ନାବାଳକଙ୍କ ବିବାହ ପାଇଁ ସ୍ଥିର କରାଯାଇଥିଲା। ସନ୍ଧ୍ୟାରେ ବିବାହ କାର୍ଯ୍ୟ ହେବାର ଥିଲା। ତେବେ ସାହିରେ ବାଲ୍ୟ ବିବାହ ହେବାକୁ ଯାଉଥିବା କୌଣସିମତେ ଦାନଗଦି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟବିବାହ ନିଷେଧ ଅଧିକାରୀ ଦେବକୀ ପାତ୍ର ଖବର ପାଇଥିଲେ। ତେଣୁ ସେ ତୁରନ୍ତ ଦାନଗଦି ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ସାହୁଙ୍କୁ ଧରି ସଅରସାହିରେ ପହଞ୍ଚିଥିଲେ।



ପ୍ରଶାସନିକ ଅଧିକାରୀ ଓ ପୋଲିସ ବାଲ୍ୟ ବିବାହକୁ ବନ୍ଦ କରୁଛନ୍ତି।

ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ପାଇବାପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ଖବର ଦେଇଥିଲେ।

ଅପରାହ୍ନରେ ସେମାନେ ପହଞ୍ଚି ନାବାଳକ, ନାବାଳିକାଙ୍କୁ ଉଦ୍ଧାର କରି ନିଜ ହେପାଜତକୁ ନେଇଥିଲେ। ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ପୁଅ ଓ ଝିଅ କମ୍ ବୟସର ଥିବା ଜଣାପଡ଼ିଥିଲା। ବର ଓ କନ୍ୟା ପିତାମାତାଙ୍କୁ ଚାଇଲ୍ଡ ଲାଇନ ସଦସ୍ୟ ଓ ସ୍ୱେଚ୍ଛାସେବୀ ପହଞ୍ଚି ଏଭଳି ନ କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଏହି ସମୟରେ ଉପସ୍ଥିତ ଥିଲେ। ବାଲ୍ୟ ବିବାହ ନିଷେଧ ଅଧିକାରୀ ପାତ୍ର ନାବାଳକ ଓ ନାବାଳିକାଙ୍କୁ ଯାଜପୁର ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିବା ସହ ପରବର୍ତ୍ତୀ ଥଇଥାନ ପାଇଁ ଚାଇଲ୍ଡ ଲାଇନକୁ ଆଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଦାନଗଦି ଫାଣ୍ଡି ଅଧିକାରୀଙ୍କ ନିକଟରେ ଏକ ମାମଲା ଦାଏର କରାଯାଇଛି।

# ବାଲାଙ୍ଗୀ ମିନି ଷ୍ଟେଟ୍ ବ୍ୟାଙ୍କର ବାର୍ଷିକୋତ୍ସବ

**ରସୁଲପୁର,୨୭ା୩(ଡି.ଏନ.ଏ.)**

ରସୁଲପୁର ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତର ବାଲାଙ୍ଗୀ ଗ୍ରାମସ୍ଥିତ ମିନି ଷ୍ଟେଟ୍ ବ୍ୟାଙ୍କର ବାର୍ଷିକୋତ୍ସବ ସ୍ଥାନୀୟ ହିଙ୍ଗୁଳା କମିଟି ସଭାପତି ଫକୀର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଅବସରରେ କୁଆଖିଆ ଷ୍ଟେଟ୍‌ବ୍ୟାଙ୍କ ଶାଖା ପକ୍ଷରୁ ମିନି ଷ୍ଟେଟ୍ ବ୍ୟାଙ୍କକୁ ପୁରସ୍କୃତ କରାଯାଇଛି। ବ୍ୟାଙ୍କ ପକ୍ଷରୁ ଶାଖା ପରିଚାଳକ ବିଶ୍ୱଜିତ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମିନି ବ୍ୟାଙ୍କର ପ୍ରୋପ୍ରାଇଟର ଅଜିତ କୁମାର ପତିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଗ୍ରାମ ରୋଜଗାର ସେବକ ବିଦ୍ୟାଧର ଦଳେଇ ଯୋଗ ଦେଇଥିଲେ। ୨୦୨୧-୨୨ ଆର୍ଥିକ ବର୍ଷରେ ମିନି ବ୍ୟାଙ୍କ ସ୍ଥାନୀୟ ଅଞ୍ଚଳରେ ୧୦୫୬ଟି ଜମାଖାତା ଖୋଲି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବାରୁ ଶାଖା ପକ୍ଷରୁ ୨ଥର ସମ୍ମାନିତ କରାଯାଇଥିବା ଜଣାଯାଇଛି।

ଏହି ମିନି ବ୍ୟାଙ୍କଟି ଗ୍ରାହକଙ୍କୁ ଅନେକ ସେବା ଯୋଗାଉଛି। ତେବେ ବ୍ୟାଙ୍କ ପକ୍ଷରୁ ଖୋଲା ଯାଇଥିବା ପ୍ରତ୍ୟେକ ମିନି ଶାଖାଗୁଡ଼ିକ ସଫଳତାର ସହ କାର୍ଯ୍ୟ କଲେ ଲୋକଙ୍କ ବ୍ୟାଙ୍କ ଜନିତ ଅସୁବିଧା ଦୂର ହେବ ବୋଲି ମୁଖ୍ୟଅତିଥି କହିଥିଲେ।

## ଯାଜପୁର ବାର୍ ଆସୋସିଏଶନ୍‌ର ଶପଥ ଗ୍ରହଣ



**ଯାଜପୁର ଟାଉନ,୨୭ା୩(ଡି.ଏନ.ଏ.):** ଯାଜପୁର ଲୟର୍ସ ଆସୋସିଏଶନ ପକ୍ଷରୁ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ରବିବାର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବନିର୍ବାଚିତ ସମସ୍ତ ପଦାଧିକାରୀଙ୍କୁ ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ପାଢ଼ୀ ଶପଥ କରାଇଛନ୍ତି। ଆସୋସିଏଶନ ସଭାପତି ଭାବେ ଅଶୋକ କୁମାର ଦାଶ ନିର୍ବାଚିତ ହୋଇଥିବାବେଳେ ସୀତାଂଶୁ ଶେଖର ମହାନ୍ତି ସମ୍ପାଦକ, ମାନଗୋବିନ୍ଦ ଧଳ ଉପସଭାପତି, ଆକାଶଦୀପ ମହାନ୍ତି ସହସମ୍ପାଦକ, କୋଷାଧ୍ୟକ୍ଷ ଭାବେ ମିହିର ମହାପାତ୍ର, ବିଭୁଦତ୍ତ ଭୂୟାଁ, ରାଜେଶ ମହାନ୍ତି, ଅକ୍ଷୟ ସାହୁ, ରଜତ ପାଢ଼ୀ, ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଛନ୍ତି। ଶପଥ ଗ୍ରହଣ ଉତ୍ସବକୁ ଜୟଦୀପ ମିଶ୍ର ପରିଚାଳନା କରିଥିଲେ। ପ୍ରତାପ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

## ବ୍ୟାସନଗର: ନାରାୟଣ ପ୍ରସାଦ ପତି ସଭାପତି ନିର୍ବାଚିତ



**ଯାଜପୁର ରୋଡ,୨୭ା୩(ଡି.ଏନ.ଏ.):** ବ୍ୟାସନଗର ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଛି। ନାରାୟଣ ପ୍ରସାଦ ପତି ସଭାପତି, ସୁବାସ ଚନ୍ଦ୍ର ବଳସାମନ୍ତ ଉପସଭାପତି, ରବୀନ୍ଦ୍ର ନାୟକ ସମ୍ପାଦକ, ପ୍ରଦୀପ ସ୍ୱାଇଁ ସହସମ୍ପାଦକ, ଧନେଶ୍ୱର ସାହୁ ଯୁଗ୍ମ ସମ୍ପାଦକ ଓ ଶୁଭେନ୍ଦୁ ଦାସ କୋଷାଗାର ସମ୍ପାଦକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ଉମାକାନ୍ତ ସାହୁ, ସନ୍ତୋଷ ସାହୁ ଓ ରାମଚନ୍ଦ୍ର ପହି ରହିଛନ୍ତି।

## ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ନିର୍ବାଚନ

**ଚଣ୍ଡିଖୋଲ,୨୭ା୩(ଡି.ଏନ.ଏ.)**

ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ୧୪ ଜଣ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିରେ ସଭାପତି ଭାବେ ଦେବରାଜ ବେହେରା, ସମ୍ପାଦକ ଭାବେ ପ୍ରକାଶ କୁମାର ଦାଶ, ଉପସଭାପତି ଶ୍ରୀକାନ୍ତ କୁମାର ବଳ, ଯୁଗ୍ମ ସମ୍ପାଦକ ସୁଦର୍ଶନ ଘଡ଼େଇ, ସହ ସମ୍ପାଦକ (କ୍ରୀଡ଼ା) କିଶୋର କୁମାର ନାୟକ, ସହ ସମ୍ପାଦକ(ସାଂସ୍କୃତିକ) ବିରେନ୍ କୁମାର ବିଶ୍ୱାଳ, ସହ ସମ୍ପାଦକ (ପାଠାଗାର) ଦୀନବନ୍ଧୁ ନାୟକ ଓ କୋଷାଧ୍ୟକ୍ଷ ଭାବେ ଚିନ୍ମୟ କୁମାର ପ୍ରତାପ ଏବଂ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଶ୍ୟାମ ପ୍ରସାଦ ଦାଶ, ହେମନ୍ତ କୁମାର ମାହାଲା, ସୁତ୍ରଳ କବି, ଅଜିତ୍ କୁମାର ରାଉତ, ମମତା ପ୍ରିୟଦର୍ଶନୀ ସାହୁ ଓ ବିଶ୍ୱଜିତ୍ ସାହୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଶରତ କୁମାର ଷଡ଼ଙ୍ଗୀ, ସହଯୋଗୀ ଅଧିକାରୀ ଜନ୍ ବେହେରା ଓ ଡ. ପ୍ରିୟନାଥ ମହାପାତ୍ର ନିର୍ବାଚନ ପରିଚାଳନା କରିଥିଲେ।

# ନୂଆ ଜୀବନ ପାଇବେ ଚୁନି ମାଉସୀ

- ସ୍ୱାମୀଙ୍କ ମୃତ୍ୟୁ ପରେ ଝିଅ ଚଳାଉଛନ୍ତି ପରିବାର
- ଡାକ୍ତର ଓ ସଚେତନ ନାଗରିକ ମଞ୍ଚ ସହଯୋଗରେ ହେବ ସ୍ତନକର୍କଟ ଅପରେଶନ

**ଜେନାପୁର,୨୭ା୩(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ମାର୍ଜିତାପୁର ପଞ୍ଚାୟତ ଅଧୀନ ଚଉଷଠିପଡ଼ା ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ଚୁନି ବେହେରା (୫୬) ଜଣେ ଗରିବ ଶ୍ରେଣୀର ମହିଳା। ୧୦ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ଚୁନି ୩ ଝିଅଙ୍କୁ ବିବାହ କରାଇଛନ୍ତି। ଏବେ ତାଙ୍କ ସାନ ଝିଅ ମିତା (୨୩) ପରିବାର ଚଳାଇବାର ବୋଝ ମୁଣ୍ଡାଇଛନ୍ତି। ସେ ଯାହା ରୋଜଗାର କରୁଛନ୍ତି ସେଥିରେ ମା',ଝିଅ ଚଳୁଛନ୍ତି। ତେବେ ହଠାତ୍ ଚୁନିଙ୍କୁ ସ୍ତନକର୍କଟ ହୋଇଥିବା ଜଣାପଡ଼ିବା ପରେ ତାଙ୍କ



ଚୁନି ଡାକ୍ତରଙ୍କ ପରାମର୍ଶ କରୁଛନ୍ତି।

ଝିଅ ମିତା ଚିନ୍ତାରେ ପଡ଼ି ଯାଇଥିଲେ। ମା'ଙ୍କୁ ଭଲ କରିବାର ପଣ ନେଇ ସେ ବିଭିନ୍ନ ମେଡିକାଲ ଘୁରିବୁଲିବା ପରେ ଶେଷରେ ତାଙ୍କର ଅପରେଶନ ପାଇଁ ସ୍ଥିର କରାଯାଇଛି। ଯାଜପୁର ସଚେତନ ନାଗରିକ ମଞ୍ଚ ଆବାହକ ସରୋଜକାନ୍ତ ବେହେରା ଏବଂ ଯୁବ ସାମାଜିକ କର୍ମୀ ତଥା କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନୀହାର ରଞ୍ଜନ କରଙ୍କ ଉଦ୍ୟମ ଯୋଗୁ ସୋମବାର ଚୁନିଙ୍କ ଏକ ଘରୋଇ ହସ୍ପିଟାଲରେ ଅପରେଶନ କରାଯିବାର ବ୍ୟବସ୍ଥା କରାଯାଇଛି।

ମୂଲ ଲାଗି ପରିବାର ଚଳାଉଥିବା ମିତା ମା'ଙ୍କୁ ଭଲ କରିବାକୁ ବିଭିନ୍ନ ମେଡିକାଲ ବୁଲିଥିଲେ। ମାତ୍ର କାହାର ସାହାଯ୍ୟ ନ ପାଇ ନିରାଶ ହୋଇ ଫେରୁଥିଲେ। ଶେଷରେ ସଚେତନ ନାଗରିକ ମଞ୍ଚ ଆବାହକ ବେହେରା ଓ ଡା. କରଙ୍କ ସହ ତାଙ୍କର ଦେଖା ହୋଇଥିଲା। ସେମାନେ ସବୁକଥା ଜାଣିବା ପରେ ମା'ଝିଅଙ୍କୁ ସହାୟତା କରିବାକୁ ଆଗେଇ ଆସିଥିଲେ। ସେମାନେ 'ମିଶନ ଚୁନି ମାଉସୀ' ଆରମ୍ଭ କରିଥିଲେ। ତେଣୁ ଚୁନିଙ୍କ ମେଡିକାଲ ଯାତାୟାତ ଖର୍ଚ୍ଚଠାରୁ ଆରମ୍ଭ କରି ଅନ୍ୟାନ୍ୟ ଖର୍ଚ୍ଚ ସବୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବହନ କରାଯାଇଥିଲା। ସେମାନେ ବିଭିନ୍ନ ଡାକ୍ତରଙ୍କ ସହ ପରାମର୍ଶ କରିବା ପରେ ଶେଷରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନୁମୋଦିତ ଘରୋଇ ଡାକ୍ତରଖାନାରେ ଚୁନିଙ୍କ ଅପରେଶନ କରିବାକୁ ନିଷ୍ପତ୍ତି ନେଇଥିଲେ। ଡା. କର ଏବଂ ତାଙ୍କ ବନ୍ଧୁ ତଥା ଏଚ୍‌ଜିପଣ୍ଡା କ୍ୟାନ୍ସର ହସ୍ପିଟାଲର ବରିଷ୍ଠ ଅଧିକାରୀ ଡା. ଅରବିନ୍ଦ ଭୋଳ ଅପରେଶନ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଏପରି କି ଅପରେଶନ ପୂର୍ବରୁ ମଧ ବିଭିନ୍ନ ପରୀକ୍ଷା ତଥା ପିଇଟି ସ୍କାନ ପରି ବ୍ୟୟବହୁଳ ପରୀକ୍ଷାକୁ ଡା. କରଙ୍କ ଉଦ୍ୟମରେ ସମ୍ପୂର୍ଣ୍ଣ ମାଗଣା କରାଯାଇଛି। ଡା. କର ଓ ବେହେରାଙ୍କ ଉଦ୍ୟମ ଯୋଗୁ ଚୁନି ନୂଆ ଜୀବନ ପାଇବାକୁ ଯାଉଛନ୍ତି। ଚୁନି କହିଛନ୍ତି, ଭଗବାନ ତାଙ୍କ ପ୍ରାର୍ଥନା ଶୁଣିଛନ୍ତି। ଅପରେଶନ ପରେ ସେ ନୂଆ ଜୀବନ ପାଇବେ ଓ ଝିଅ ସହ ଖୁସିରେ ଦିନ କାଟିବେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳିକା ମୃତ

**ହିଞ୍ଜିଳିକାଟୁ,୨୭।୩(ଡି.ଏନ୍.ଏ.):** ହିଞ୍ଜିଳି ଥାନା ତଥା ଆଡ଼ପଡ଼ା ଫାଣ୍ଡି କରାଖଣ୍ଡି ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କରାଖଣ୍ଡି ଗ୍ରାମ ଉଦୟ ସ୍ୱାଇଁଙ୍କ ନାବାଳିକା କନ୍ୟା ଅଙ୍କିତା ସ୍ୱାଇଁ (୬)। ଏ ନେଇ ହିଞ୍ଜିଳି ଥାନାରେ ନଂ. ୭/୨୨ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ନାବାଳିକାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଆଡପଡା ଫାଣ୍ଡି ଅଧିକାରୀ ରାଜନ ବିଷୋୟୀ କହିଛନ୍ତି।

### ମହାଭ୍ରାତୃତ୍ୱ ସମ୍ମିଳନୀ

**ଆସିକା,୨୭।୩ (ଡି.ଏନ୍.ଏ.):** ଆସିକା ସହର ଉପକଣ୍ଠ ମୁକୁନ୍ଦପୁରସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଗଞ୍ଜାମ ଜିଲା ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଜିଲାସ୍ତରୀୟ ମହାଭ୍ରାତୃତ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ, ବେଦମନ୍ତ୍ର ଉଚ୍ଚାରଣ, ଭଜନ ପରେ ଭଗବାନ ସତ୍ୟସାଇ ବାବାଙ୍କ ଦିବ୍ୟବାଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତାପ କୁମାର ସ୍ୱାଇଁ, ବୈଜୟନ୍ତୀ ସୁବୁଦ୍ଧି, ପବିତ୍ରା ରାଉତ, ବନିତା ପ୍ରଧାନ, ଧନଞ୍ଜୟ ମହାପାତ୍ର, ବିଶ୍ୱଜିତ ସାହୁ, ଅଶୋକ ପାତ୍ର, ଆରତି ଶତପଥୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜିଲାର ବିଭିନ୍ନ ସ୍ଥାନର ସତ୍ୟସାଇ ସଂଗଠନର ସଦସ୍ୟମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା ତାଲିମ ଶିବିର

**ଆସିକା,୨୭।୩(ଡି.ଏନ୍.ଏ.):** ଆସିକା କଳିଙ୍ଗା ରୋଡ଼ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ରବିବାର ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ଚିନ୍ମୟ ପାଢ଼ୀ ଉଦ୍‌ଘାଟନ କରିଥିଲେ। ଆସିକା ବଣିକ ସଂଘ କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ଗୁପ୍ତା, ସମ୍ପାଦକ ସୀମାଞ୍ଚଳ ପରିଡ଼ା, ପୂର୍ବତନ ସଭାପତି ଅରୁଣ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ରାଜ୍ୟ ଖାଦ୍ୟ ନିରାପତ୍ତା ମାନକ ଓ ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖାଦ୍ୟ ନିରାପତ୍ତା, ଖାଦ୍ୟ ସୁରକ୍ଷା, ଖାଦ୍ୟ ସ୍ୱଚ୍ଛତାର ଆଭିମୁଖ୍ୟ, ଉପାଦେୟତା, ପ୍ରସ୍ତୁତି ପ୍ରଣାଳୀ ଓ ସଂରକ୍ଷଣ ଉପରେ ପ୍ରଶିକ୍ଷକ ଅମିତ୍ ନନ୍ଦ ଭିଡିଓ ମାଧ୍ୟମରେ ବ୍ୟବସାୟୀମାନଙ୍କୁ ବୁଝାଇଥିଲେ। ଆସିକା ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଖାଦ୍ୟ ବିକ୍ରେତା ବ୍ୟବସାୟୀ ଶିବିରରେ ଯୋଗଦେଇଥିଲେ।

### ଚିକିଟି ମହାବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା

**ଚିକିଟି,୨୭।୩(ଡି.ଏନ୍.ଏ.):** ଚିକିଟି ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଯୁବ ଡେମୋନ୍‌ଷ୍ଟ୍ରେଟର ଏସ୍. ରାଜେଶ ଆଚାରୀଙ୍କ ଗତ ୧୬ରେ ଅକାଳ ବିୟୋଗ ଘଟିଥିଲା। ଆଚାରୀଙ୍କ ଦ୍ୱାଦଶ ଶ୍ରାଦ୍ଧ ଦିବସରେ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶୋକସଭାରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ଆଚାରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣପୂର୍ବକ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା।

# ବିଜେଡିର ମାତ୍ରାଧିକ ଆତ୍ମବିଶ୍ୱାସର ଫାଇଦା ନେଲା ଭାଜପା

**ଫୁଲବାଣୀ ଅଫିସ,୨୭।୩**

ଫୁଲବାଣୀ ପୌର ପରିଷଦ ଗଠନ ହେବା ପରଠାରୁ ଏହା ବିଜେଡି ହାତରେ ଥିଲା। ଚଳିତଥର ମଧ୍ୟ ବିଜେଡି ଏହାକୁ ଜିତି ହାଟ୍ରିକ କରିବ ବୋଲି ଆଶା କରିଥିଲା। ହେଲେ ସେପରି ହେଲାନାହିଁ। ବିଜେଡି ହାତରୁ ଭାଜପା ଏହାକୁ ଛଡ଼ାଇ ନେଲା। ଏହାକୁ ଏପର୍ଯ୍ୟନ୍ତ ବିଜେଡିର ଉଚ୍ଚ ନେତୃବର୍ଗ ଗ୍ରହଣ କରି ପାରୁନାହାନ୍ତି। ମୁଁ ଦଳର ୭ କାଉନ୍‌ସିଲର ସିଟ ଜିତିବାରେ ସକ୍ଷମ ହୋଇଛି। ଭାଜପା ମାତ୍ର ୪ଟି କାଉନ୍‌ସିଲର ସିଟ ଜିତିଥିଲେ ହେଁ ସମସ୍ତଙ୍କ ନଜରରେ ଥିବା ପୌରାଧ୍ୟକ୍ଷ ପଦବୀକୁ ନିଜ ସପକ୍ଷରେ ନେବାରେ ସକ୍ଷମ ହୋଇଛି। ବିଜେଡିର ମାତ୍ରାଧିକ ଆତ୍ମବିଶ୍ୱାସ ଦଳ ପାଇଁ ବୁମେରାଂ ସାଜିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଯେଉଁଥିରୁ ଭାଜପା ଫାଇଦା ଉଠାଇବାରେ ସକ୍ଷମ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ଫୁଲବାଣୀ ସହରରେ ଭାଜପା ବିଜେଡିଠାରୁ ୨୦୦୦ରୁ ଊର୍ଦ୍ଧ୍ୱ ଭୋଟ ଅଧିକ ପାଇଥିଲା। ଏହାକୁ ପାଥେୟ କରି ଭାଜପା ତା'ର ଷ୍ଟ୍ରାଟେଜି କରିଥିଲା। ହେଲେ ବିଜେଡି ଅତ୍ୟଧିକ ଆତ୍ମବିଶ୍ୱାସ ଦେଖାଇ ବାଜି ହାରିଲା। ଏପରିକି ଭୋଟ ହାର କମିଗଲା। କଂଗ୍ରେସର ଭୋଟ ହାର ବଢ଼ିଲା ବୋଲି ଭାଜପା ଏମ୍‌ପି ପ୍ରାର୍ଥୀ ଖାରବେଳ ସ୍ୱାଇଁ କହିଛନ୍ତି।

ସେ ପୁଣି କହିଛନ୍ତି, ୨୦୧୯ ନିର୍ବାଚନରେ ଆମେ ବିଜେଡିଠାରୁ ୨୦୦୦ରୁ ଊର୍ଦ୍ଧ୍ୱ ଭୋଟ ଫୁଲବାଣୀ ସହରରେ ପାଇଥିଲୁ, ଲୋକଙ୍କର ଭାଜପା ପ୍ରତି ଶ୍ରଦ୍ଧା ରହିଛି। ବିଜୟୀ ପୌରାଧ୍ୟକ୍ଷା ପ୍ରାର୍ଥିନୀ ସ୍ମିତାରାଣୀ ମହାନ୍ତି ଦଳ ପକ୍ଷରୁ ବହୁତ କାମ କରିଛନ୍ତି। ଫୁଲବାଣୀ ସହରର ଲୋକେ ତାଙ୍କୁ ବାଛିଛନ୍ତି। ବିଜେଡିରେ କିଛି ଗୋଷ୍ଠୀ କନ୍ଦଳ ଥିଲା। ସଂଗଠନ ଉପରେ ଜଣେ ନେତାଙ୍କ ନିୟନ୍ତ୍ରଣ ରହିଛି। ସେ ଏଠାରେ ଏମ୍‌ପି, ବିଧାୟକ ଥିଲେ। ବିଜେଡି ପକ୍ଷରୁ ପ୍ରାର୍ଥୀଙ୍କ ନାମ ଦୁଇ ଗୋଷ୍ଠୀ ପକ୍ଷରୁ ଦିଆଯାଇଥିଲା। ହେଲେ ନିୟନ୍ତ୍ରଣ ଥିବା ନେତାଙ୍କ ପ୍ରାର୍ଥୀ ଟିକେଟ ପାଇଲେ ନାହିଁ। ତେଣୁ ଏପରି ହୋଇଥାଏପାରେ ବୋଲି ଖାରବେଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଲୋକଙ୍କ ମତକୁ ଆମେ ସ୍ୱାଗତ କରୁଛୁ। ଆମେ ସମସ୍ତେ ମିଳିମିଶି ଦଳ ପାଇଁ ବହୁତ କାମ କରିଛୁ। ଲୋକେ ସେମାନଙ୍କୁ ମତ ଦେଲେ, ଆମର ଏଥିରେ କିଛି କହିବାର ନାହିଁ। ବିଜେଡିରେ ସମସ୍ତେ କର୍ମୀ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ନେତା। ଦଳ ଭିତରେ ଗୋଷ୍ଠୀ କନ୍ଦଳ ନାହିଁ ବୋଲି ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣ କହିଛନ୍ତି।

ଅପରପକ୍ଷେ କଂଗ୍ରେସର ଜଣେ ଆଗ ଧାଡ଼ିର ନେତାଙ୍କ କହିବା ଅନୁସାରେ, ଆମ ସଂଗଠନ ଦୁର୍ବଳ। ନିର୍ବାଚନ ଲଢ଼ିବା ପାଇଁ ଅର୍ଥାଭାବ। ବିନା ଟଙ୍କାରେ ଆମେ ଲଢ଼ିଛୁ। ଦଳ ପକ୍ଷରୁ କୌଣସି ସାହାଯ୍ୟ ସହଯୋଗ ନ ଥିଲା। ପଞ୍ଚାୟତ ନିର୍ବାଚନ ପରେ ପୌର ପରିଷଦ ନିର୍ବାଚନ କରାଗଲା। ଅଳ୍ପ ସମୟ ମଧ୍ୟରେ ଆମେ ପ୍ରସ୍ତୁତ ହୋଇ ପାରି ନ ଥିଲୁ। ଆମେ ୨୦୧୯ ସାଧାରଣ ନିର୍ବାଚନରେ ୨୪୦୦ରୁ ଊର୍ଦ୍ଧ୍ୱ ଭୋଟ ଫୁଲବାଣୀରୁ ପାଇଥିଲୁ। ଏଥର ବଢ଼ି ୪୦୦୦ରେ ପହଞ୍ଚିଛି। ଭାଜପା ମଧ୍ୟରେ ଟଣାଓଟରା ଥିଲେ ହେଁ ଶେଷରେ ସେମାନେ ମିଶି ଜିତିବାରେ ସକ୍ଷମ ହେଲେ।

## ବିଜେଡିର ବିଜୟ ଶୋଭାଯାତ୍ରା


ବିଜେଡିର ବିଜୟ ଶୋଭାଯାତ୍ରା।

**ଭଞ୍ଜନଗର,୨୭।୩(ଡି.ଏନ୍.ଏ)**

ଭଞ୍ଜନଗର ଏନ୍‌ଏସି ଇତିହାସରେ ପ୍ରଥମ ଥର ପାଇଁ ବିଜେଡି ସମସ୍ତ ୧୫ଟି ୱାର୍ଡ ସମେତ ଅଧ୍ୟକ୍ଷ ପଦରେ ବିପୁଳ ଭୋଟରେ ବିଜୟୀ ହୋଇ ନୂଆ ରେକର୍ଡ କରିଛି। ଏ ନେଇ ରବିବାର ଅପରାହ୍ନରେ ବିଜେଡି ପକ୍ଷରୁ ସହରରେ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ନବନିର୍ବାଚିତ ଅଧ୍ୟକ୍ଷ ଗୋପବନ୍ଧୁ ବେହେରାଙ୍କ ସମେତ ସମସ୍ତ କାଉନ୍‌ସିଲର ଶୋଭାଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ସହରବାସୀ ମଧ୍ୟ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି


ଜନଶୁଣାଣିରେ ଉପସ୍ଥିତ ନିର୍ବାଚିତ ପ୍ରତିନିଧି ଓ ଅଧିକାରୀ।

**ଗୋପାଳପୁର,୨୭।୩(ଡି.ଏନ୍.ଏ.)**

ମହାତ୍ମାଗାନ୍ଧୀଗ୍ରାମୀଣନିଶ୍ଚିତକର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଶନିବାର ବ୍ଲକସ୍ତରୀୟ ଜନଶୁଣାଣି ରଙ୍ଗେଇଲୁଣ୍ଡା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସର ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ କୁମାର ପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷା ସିଏଚ୍ ଉଷାରାଣୀ, ଉପାଧ୍ୟକ୍ଷ ଅନିତା ମହାଙ୍କୁଡ଼, ୫୪ନଂ. ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ୫୫ନଂ. ଜିଲା ପରିଷଦ ସଭ୍ୟ ତଅପୋଇ ଦାସ, ଅତିରିକ୍ତ ବିଡିଓ ତିରୁପତି ବାଲାଜୀ ସାମନ୍ତରାୟ, ସୋସିଆଲ ଅଡିଟର ରବୀନ୍ଦ୍ର ମଲ୍ଲଣା ଯୋଗଦେଇଥିଲେ। ଏହି ଜନଶୁଣାଣିରେ ନବନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟାଙ୍କୁ ଶୁଭେଚ୍ଛା ଦିଆଯାଇଥିଲା। ଆଗାମୀ ଦିନରେ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ କିପରି ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଯ୍ୟ ମିଳିବ ଏବଂ ଯୋଜନାର ସଫଳ ରୂପାୟନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ବ୍ଲକ ସହକାରୀ ଉଦ୍ୟାନ ବିଭାଗୀୟ ଅଧିକାରୀ ବୈମାତୃକ ମନୋଭାବ ପୋଷଣ କରି କୌଣସି ସରପଞ୍ଚ କିମ୍ବା ସମିତିସଭ୍ୟଙ୍କ ସହ ଯୋଗାଯୋଗ ରଖୁ ନ ଥିବା ବେଳେ ଯୋଜନା ସମ୍ପର୍କରେ ଅବଗତ କରାଉ ନ ଥିବା ନେଇ ମନ୍ତ୍ରୀଡ଼ି ସରପଞ୍ଚ ପ୍ରଶାନ୍ତ କୁମାର ଦାସ ଅଭିଯୋଗ କରିଥିଲେ। ଏଥିସହ କୋଳଥି ଗାଁ ସରପଞ୍ଚ ଜଗମୋହନ ପାତ୍ର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗତ ଆର୍ଥିକ ବର୍ଷରେ କେତୋଟି ଆପତ୍ତି ଅଭିଯୋଗ ହୋଇଛି ଓ କେତେମାତ୍ରାରେ ତାହା ସମାଧାନ ହୋଇଛି ସେ ସଂକ୍ରାନ୍ତରେ ପ୍ରଶ୍ନ ଉଠାଇଥିଲେ। ଏହି ଅବସରରେ ଏପିଓ ଷନ୍ତୋଷୀ ପାତ୍ର, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ସମୀର ପଟ୍ଟନାୟକ, ବ୍ଲକ ଓଏସ୍‌ଡି ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସମସ୍ତ ଅଧିକାରୀଙ୍କ ସମେତ ୩୨ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ଡଲ୍‌ଫିନ ସୁରକ୍ଷା, ସଚେତନତା କର୍ମଶାଳା

**ରମ୍ଭା,୨୭।୩**

ରମ୍ଭା ସହରର ଗାୟତ୍ରୀ ଶକ୍ତିପୀଠ ପରିସରରେ ଓଡ଼ିଶା ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଓ ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ କଲ୍ୟାଣ ସମିତି ରମ୍ଭାର ମିଳିତ ସହଯୋଗରେ ଏକ ଡଲଫିନ ସୁରକ୍ଷା ଓ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନରସିଂହ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମ୍ଭାର ପ୍ରାକ୍ତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା, ଗଞ୍ଜାମ ଜିଲା ଘରଚଟିଆ ସଂରକ୍ଷଣ ତତ୍ତ୍ୱାବଧାରକ ରବୀନ୍ଦ୍ର କୁମାର ସାହୁ, ଛପନଖଣ୍ଡ ମତ୍ସ୍ୟଜୀବୀ ଗ୍ରାମକୁଳ ସଭାପତି ବ୍ରଜବନ୍ଧୁ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଚିଲିକାର ଜୈବ ବିବିଧତାରେ ଦେଖାଦେଉଥିବା ବିରଳ ପ୍ରଜାତିର ଇରାୱାର୍ଡି ଡଲଫିନର ସୁରକ୍ଷା ଓ ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆ ଓ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିଲେ।

## ବସ୍‌ରୁ ଖସିପଡ଼ି ଜଣେ ମୃତ

**ହିଞ୍ଜିଳିକାଟୁ,୨୭।୩(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ଥାନା ବୁରୁଡୁଲୁ ଗ୍ରାମରେ ବସ୍‌ରେ ଚଢୁଥିବା ବେଳେ ଗୋଡ ଖସିଯିବାରୁ ଜଣକ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ଥାନା ମାଧପୁର ଗ୍ରାମର ବିପିନ ସେଠୀ (୪୫)। ବିପିନ ବସରେ ଚଢ଼ିବାକୁ ଯିବା ବେଳକୁ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି।

## ସେବାନିବୃତ୍ତ କର୍ମଚାରୀ, ଶିକ୍ଷକ ବିକାଶ ମଞ୍ଚର ବୈଠକ

**ଆସିକା,୨୭।୩ (ଡି.ଏନ୍.ଏ)**

ଓଡ଼ିଶା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ଆସିକା ବ୍ଲକ ବାର୍ଷିକ ସମ୍ମିଳନୀ ରବିବାର ବାବନପୁରସ୍ଥିତ ବାଳିକା ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ସୁବାସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ନେତା ପୀତବାସ ମହାପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ଉପସଭାପତି କେ. କୃଷ୍ଣମୂର୍ତ୍ତି, ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ବ୍ଲକ ସମ୍ପାଦକ ଉପେନ୍ଦ୍ର ନାୟକ, ବ୍ଲକ ଉପଦେଷ୍ଟା ରାଜେଶ୍ୱର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବିକାଶ ମଞ୍ଚର ଦୀର୍ଘଦିନର ଦାବି ପ୍ରତି ସରକାରୀ ଅବହେଳାକୁ ନେଇ ତୀବ୍ର କ୍ଷୋଭ ପ୍ରକାଶ ପାଇଥିଲା। କେନ୍ଦ୍ର ଅନୁରୂପ ମାସିକ ଚିକିତ୍ସା ଭତ୍ତା ୧ହଜାର ଟଙ୍କା ପ୍ରଦାନ, ପେନ୍‌ସନ ନିର୍ଦ୍ଧାରଣରେ ୧ ନମ୍ବର ଫର୍ମୁଲା ଚୟନର ସୁଯୋଗ ଦେବା, ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ଧାର୍ଯ୍ୟ କରିବା, କମ୍ୟୁଟେଶନ ଫେରସ୍ତ ୧୫ ବର୍ଷ ପରିବର୍ତ୍ତେ ୧୨ ବର୍ଷ କରିବା, ଅତିରିକ୍ତ ପେନ୍‌ସନ ୬୧ ବର୍ଷରୁ ଲାଗୁ କରିବା ଇତ୍ୟାଦି ଦାବିଗୁଡ଼ିକ ପୂରଣ ନେଇ ପୂର୍ବରୁ ଆନ୍ଦୋଳନ ପରେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ, ଅର୍ଥ ସଚିବ ଓ ଫିଟ୍‌ମେଣ୍ଟ କମିଟି ଅଧ୍ୟକ୍ଷ ଯଥାର୍ଥତା ଅନୁଭବ କରି ରାଜ୍ୟ ସରକାରଙ୍କୁ ସୁପାରିସ୍ କରିଥିଲେ। ରାଜ୍ୟ ସରକାର ଏକ କମିଟି ମାଧ୍ୟମରେ ସବୁ ଦାବିର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ଏହା କାର୍ଯ୍ୟକାରୀ ହୋଇପାରି ନ ଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା।

## ଘୁମୁସର ଗବେଷଣା ପ୍ରତିଷ୍ଠାନର ବାର୍ଷିକୋତ୍ସବ

**ଭଞ୍ଜନଗର,୨୭।୩(ଡି.ଏନ୍.ଏ)**


ଡ. ବିଚିତ୍ରାନନ୍ଦ ଦାସ, ଡ. କମ୍ବୁପାଣି ସାମନ୍ତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଘୁମୁସର ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ରବିବାର କେନ୍ଦୁପଦର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଘୁମୁସରର ଐତିହ୍ୟ, ସଂସ୍କୃତି ଓ ସାହିତ୍ୟ ସ୍ୱତନ୍ତ୍ର। ୧୭୫୩ରେ ଘୁମୁସର ବିଦ୍ରୋହ ଫରାସୀମାନଙ୍କ ବିରୋଧରେ ଆରମ୍ଭ ହୋଇଥିଲା। ୧୭୬୨ରେ ବ୍ରିଟିଶ୍‌ମାନଙ୍କ ବିରୋଧରେ ଲଢ଼େଇ ହୋଇଥିଲା। ତେଣୁ ଘୁମୁସର ବିଦ୍ରୋହ ହେଉଛି ପ୍ରଥମ ବିଦ୍ରୋହ। ୧୭୫୩ରୁ ୧୮୫୬ ଦୀର୍ଘ ୧୦୩ ବର୍ଷ ଧରି ଘୁମୁସର ବିଦ୍ରୋହ ଚାଲିଥିଲା। କିନ୍ତୁ ଉପଯୁକ୍ତ ଗବେଷଣା ଅଭାବ, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଘୁମୁସର ଇତିହାସ ଆଜି ଲୋକଲୋଚନକୁ ଆସିପାରୁନାହିଁ। ଏଥିପାଇଁ ଅଧିକ ଗବେଷଣା ଆବଶ୍ୟକ ବୋଲି ଉତ୍ସବରେ ଯୋଗଦେଇ ବକ୍ତାମାନେ କହିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ବିଚିତ୍ରାନନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. କମ୍ବୁପାଣି ସାମନ୍ତ, କଲେଜ ପରିଚାଳନା କମିଟି ସଭାପତି ଡ. ବାୟାମନୁ ଚର୍ଚ୍ଚି, ଖଲ୍ଲିକୋଟ କଲେଜର ଅବସରପ୍ରାପ୍ତ ରିଡର ମଦନ ମୋହନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଡ. ସନ୍ତୋଷ କୁମାର ଆପଟ ପ୍ରଥମ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଡ. ବିଚିତ୍ରାନନ୍ଦ ଦାସ, ଡ. କମ୍ବୁପାଣି ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଡ. ଶ୍ୟାମା ପ୍ରସାଦ ମିଶ୍ର ସଭା ସଂଯୋଜନା କରିଥିଲେ। ସମ୍ପାଦକ ତପନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା। କୋଷାଧ୍ୟକ୍ଷ ଦାମୋଦର ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଉପସଭାପତି ଡ. ଶିରିଶ୍ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ଇତିହାସ କଂଗ୍ରେସର ପୂର୍ବତନ ଉପସଭାପତି ଡ. ଶିବ ପ୍ରସାଦ ଦାସ, ବ୍ରହ୍ମପୁର ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ପ୍ରଫେସର ଡ. ଚିତ୍ତରଞ୍ଜନ ଶତପଥୀ, ଫିରିଙ୍ଗିଆ କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ଡ. ଦେବରାଜ ସ୍ୱାଇଁ, ଡ. ବୃନ୍ଦାବନ ମିଶ୍ର ସାଧନ ବ୍ୟକ୍ତି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଇକିଆ ପୋଲିସର ରକ୍ତଦାନ ଶିବିର

**ରାଇକିଆ,୨୭।୩(ଡି.ଏନ୍.ଏ.)**

ରାଇକିଆ ପୋଲିସ ତରଫରୁ ଜୀବନ ଜ୍ୟୋତି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସହଯୋଗରେ ରବିବାର ଏକ ମେଗା ରକ୍ତ ଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ସେଚ୍ଛାକୃତ ଭାବେ ୬୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କଲେଜ ଛାତ୍ରୀଛାତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ମଧ୍ୟ ରକ୍ତ ଦାନ କରିଥିଲେ। ରାଇକିଆ ଥାନାଧିକାରୀ ଶାନ୍ତନୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ରକ୍ତଭଣ୍ଡାର ଅଫିସର ଜୟଦିପ କୁମାର ଘୋଷ, ରାଜ୍ୟ ରେଡକ୍ରସର ଆଜୀବନ ସଦସ୍ୟ ପ୍ରଶାନ୍ତ ବେହେରା, ଡିଏସ୍‌ପି କେ.ପି ପଟ୍ଟନାୟକ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଶ୍ୟାମ ସୁନ୍ଦର ଡାଙ୍ଗୁଆ, ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିଲେ।

## ୨୫ଥର ସଭାପତି ଭାବେ ରାମନାଥ ନିର୍ବାଚିତ

### ପାରଳା ବାର୍ ଆସୋସିଏଶନ ନିର୍ବାଚନ


ବାର୍ ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତା।

**ପାରଳାଖେମୁଣ୍ଡି,୨୭।୩(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ବାର ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ରାମନାଥ ମିଶ୍ର ୨୫ଥର ପାଇଁ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ କୃଷ୍ଣମୋହନ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଉପସଭାପତି ଶିଶିର କୁମାର ଜେନା, ଯୁଗ୍ମ ସମ୍ପାଦକ ନୀଳମାଧବ ଅଧିକାରୀ, କୋଷାଧ୍ୟକ୍ଷ ଶଶାଙ୍କ ଶେଖର ସାବତ, ଲାଇବ୍ରେରି ସମ୍ପାଦକ ୱାଇ. ଶିବ କୁମାର, କାର୍ଯ୍ୟକାରୀ ସଦସ୍ୟ ପି. ବିଶ୍ୱନାଧମ, ଜିତେନ୍ଦ୍ର କୁମାର ପଟ୍ଟନାୟକ, ରାଜେନ୍ଦ୍ର କୁମାର ପଣ୍ଡା, ଗାଗାରିନ ଶବର ଓ ଇତିଶ୍ରୀ ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ନବନିର୍ବାଚିତ ସଭାପତି ଏବଂ ସମ୍ପାଦକଙ୍କୁ ବାର ଆସୋସିଏଶନ ସମେତ ଜିଲା କୋର୍ଟ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ବିଶ୍ୱ ନାଟ୍ୟ ଦିବସରେ କଳାକାର ଶୋଭାଯାତ୍ରା

**ବ୍ରହ୍ମପୁର ଅଫିସ,୨୭।୩**

ବିଶ୍ୱ ନାଟ୍ୟ ଦିବସ ଅବସରରେ ରବିବାର ଅଭିନୟ ଜଗତ ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡରୁ କଳାକାର ଶୋଭାଯାତ୍ରା କରାଯାଇଥିଲା। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହା ଗଞ୍ଜାମ କଳା ପରିଷଦ ନିକଟରେ ପହଞ୍ଚିଥିଲା। ଏହାକୁ ଡ. ମିହିର ତ୍ରିପାଠୀ ପରିଚାଳନା କରିଥିଲେ। ଏହି ଅବସରରେ ସଂସ୍କୃତଧର୍ମୀ ପତ୍ରିକା ଅଭିନୟ ଜଗତ ଲୋକାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ରମେଶ ମହାରଣା, ସଂଗୀତ ଏକାଡେମୀ ସଦସ୍ୟ ଅନିଲ କୁମାର ପାତ୍ର, ନାଟ୍ୟକାର ରାଜ ଗୋପାଳ ପାଢ଼ୀ, କୈଳାସ ପାଣିଗ୍ରାହୀ, ଇଂ. ମନୋଜ ଦଣ୍ଡପାଟ, ରବୀନ୍ଦ୍ର କୁମାର ନାୟକ, ଉଷାରାଣୀ ମହାପାତ୍ର, ଆରତି ପାତ୍ର, ଆପ୍ପା ରାଓ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଶୋଭାଯାତ୍ରାରେ ଉପସ୍ଥିତ କଳାକାରବୃନ୍ଦ।

## ମହାନଗରରେ ବଦଳୁଛି ରାଜନୈତିକ ଚିତ୍ର

**ବ୍ରହ୍ମପୁର ଅଫିସ,୨୭।୩**

- ତଳିତଳାନ୍ତ ହୋଇଛି କଂଗ୍ରେସ
- ଭାଜପାର ବୃଦ୍ଧି ପାଇଛି ସାଙ୍ଗଠନିକ ଶକ୍ତି

ଗଞ୍ଜାମ ଜିଲାର ଗୁରୁତ୍ୱପୂର୍ଣ୍ଣ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ଚଳିତ ପୌର ନିର୍ବାଚନରେ ଖାତା ଖୋଲିଛି ଭାଜପା। ୨୦୧୩ ନିର୍ବାଚନରେ ଜଣେ ବି କର୍ପୋରେଟର ଜିତିନଥିବା ବେଳେ ଏଥର ୭ ଜଣ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷରେ ରେଶମ ନଗରୀରେ ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସର ଦାରୁଣ ବିପର୍ଯ୍ୟୟ ଘଟିଛି। ଗତ ନିର୍ବାଚନରେ ହାତ ଚିହ୍ନରୁ ୧୫ ଜଣ ଜିତିଥିବା ବେଳେ ଏଥର ମାତ୍ର ଜଣେ ନିର୍ବାଚିତ ହୋଇ ବଂଶରକ୍ଷା କରିଛନ୍ତି। ୨୦୧୩ ନିର୍ବାଚନରେ ବିଏମ୍‌ସିକୁ ମାତ୍ର ଜଣେ ସ୍ୱାଧୀନ କର୍ପୋରେଟର ଜିତିଥିବା ବେଳେ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ସେହିପରି ଶାସକ ବିଜେଡି କର୍ପୋରେଟରଙ୍କ ସଂଖ୍ୟା ଗତଥର ଅପେକ୍ଷା ବଢ଼ିଛି। ଗତ ନିର୍ବାଚନରେ ୨୪ ଥିବା ବେଳେ ଚଳିତ ନିର୍ବାଚନରେ ୩୦ ଜିତିଛନ୍ତି। ୨୦୧୩ ନିର୍ବାଚନରେ ୱାର୍ଡ ସଂଖ୍ୟା ୪୦ ଥିଲା। ପୁନର୍ଗଠନ ପ୍ରକ୍ରିୟାରେ ୪୨କୁ ବଢ଼ିଥିଲା।

କଂଗ୍ରେସରୁ ମାତ୍ର ଜଣେ କର୍ପୋରେଟର ଜିତିବା ଏବେ ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି। ନେତୃତ୍ୱ ସଙ୍କଟ ଓ ଗୋଷ୍ଠୀ କନ୍ଦଳ ଏହାର କାରଣ ହୋଇଛି। ୪୨ ୱାର୍ଡ ମଧ୍ୟରୁ ୧୭ଟିରେ ପ୍ରାର୍ଥୀ ମିଳିନଥିଲେ ଏବଂ ଯେଉଁ ୨୫ ଜଣଙ୍କୁ ପ୍ରାର୍ଥୀ କରାଯାଇଥିଲା, ସେମାନେ ଠିକଣା ଭାବରେ ଲଢ଼ିନଥିବା ବିଭିନ୍ନ ମହଲରେ ଆଲୋଚନା ପରିସରକୁ ଆସିଛି। ଅନ୍ୟପକ୍ଷରେ ଗତ ନିର୍ବାଚନ ବେଳେ ଯେଉଁ ନେତାମାନେ କଂଗ୍ରେସରେ ଥିଲେ, ସେମାନଙ୍କ ମଧ୍ୟରୁ ବଡ଼ ଚେହେରାମାନେ ବିଜେଡିକୁ ଚାଲିଗଲେ। ଆଉ ଯେତେକ ଅଛନ୍ତି, ସେମାନେ ଦୂରେଇ ରହିଛନ୍ତି। ସେମାନଙ୍କୁ ଜିଲା ନେତୃତ୍ୱ ଡାକୁନାହାନ୍ତି, ସେମାନେ ମଧ୍ୟ ଆସୁନାହାନ୍ତି। ପୌର ନିର୍ବାଚନରେ ଦେଖାଦେଇଥିବା ଦୁର୍ଦ୍ଦଶା ନେଇ ପ୍ରତିକ୍ରିୟାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ପୀତବାସ ପଣ୍ଡା କହିଛନ୍ତି, ସମନ୍ୱୟ ରକ୍ଷା କରାଯାଇନଥିବାରୁ ଲଜ୍ଜାଜନକ ସ୍ଥିତି ଉପୁଜିଛି। ଅପରପକ୍ଷରେ ଭାଜପା ମହାନଗରରେ ସାଙ୍ଗଠନିକ ଶକ୍ତି ବୃଦ୍ଧି କରୁଥିବା ପୌର ନିର୍ବାଚନରୁ ସ୍ପଷ୍ଟ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ଦୁର୍ବଳ ବିଧାୟକ ପ୍ରାର୍ଥୀଙ୍କ ସୁଯୋଗରେ ଭାଜପା ପ୍ରାର୍ଥୀ ୩୨ ହଜାରରୁ ଅଧିକ ଭୋଟ ପାଇଥିଲେ। ସେବେଠାରୁ ଭାଜପା ମହାନଗର ରାଜନୀତିରେ ଦ୍ୱିତୀୟ ସ୍ଥାନକୁ ଉଠିଛି। ଚଳିତ ପୌର ନିର୍ବାଚନରେ ଶକ୍ତି ପ୍ରଦର୍ଶନ କରିଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ଭାଜପା ରଣନୀତି ଏବେଠୁ ପ୍ରସ୍ତୁତ କରୁଛି। ତେଣୁ ଆଗାମୀ ଦିନରେ ଜିଲାର ବଡ଼ ସହର ବ୍ରହ୍ମପୁରରେ କଂଗ୍ରେସକୁ ମାତ୍ ଦେଇ ଶଙ୍ଖକୁ କଡ଼ା ଟକ୍କର ପଦ୍ମ ହିଁ ଦେବାର ସମ୍ଭାବନା ସୃଷ୍ଟି ହୋଇଛି।

# ସହରାଞ୍ଚଳ ଭୋଟ ଫଳାଫଳକୁ ନେଇ ଚିନ୍ତା

- ୩ ବିଧାୟକଙ୍କ ଟେନଶନ ବଢ଼ିଲା
- ବାଜି ମାରିନେଲେ ଅରୁଣ
- ଜାତୀୟ ଦଳ ପାଇଲେ ନାହିଁ ଗୋଟିଏ ଆସନ
- ସ୍ୱାଧୀନ ପ୍ରାର୍ଥୀ ଦେଉଛନ୍ତି ଟକ୍କର



ନୟାଗଡ଼ ଅଫିସ,୨୭।୩

ନୟାଗଡ଼ ଜିଲାରେ ନୟାଗଡ଼ ମ୍ୟୁନିସିପାଲିଟି ସହ ଖଣ୍ଡପଡ଼ା, ରଣପୁର ଓ ଦଶପଲ୍ଲା ଏନ୍‌ଏସିର ନିର୍ବାଚନ ଫଳାଫଳ ଶାସକ ଦଳ ପାଇଁ ସଫଳତା ଓ ବିଫଳତା ଆଣିଛି । ଏହି ନିର୍ବାଚନରେ କଂଗ୍ରେସ, ଭାଜପା ପରି ଜାତୀୟ ଦଳର ପ୍ରାର୍ଥୀମାନେ ଅତି ଶୋଚନୀୟ ଭାବେ ପରାସ୍ତ ହୋଇଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଓ ସମସ୍ତ ୧୬ କାଉନସିଲର ପଦବୀକୁ ବିଜେଡି ହାତେଇବା ପରେ ନୟାଗଡ଼ ବିଧାୟକ ଅରୁଣ ସାହୁ ବାଜି ମାରିନେଲେ ବୋଲି ଏଠାରେ ଆଲୋଚନା ଜୋର ଧରିଛି । କାରଣ ଏଠାରେ ଭାଜପା, କଂଗ୍ରେସ ପରି ଜାତୀୟ ଦଳ ଖାତା ଖୋଲି ପାରିନାହିଁ ।

ରଣପୁର ଏନ୍‌ଏସିରେ ବିଜେଡି ପ୍ରାର୍ଥିନୀ ରଙ୍ଗିନ ମହାନ୍ତି ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିବା ବେଳେ ବିଜେଡିରୁ ୧୧ , ଭାଜପାରୁ ୨ ଏବଂ ୨ ସ୍ୱାଧୀନ କାଉନସିଲର ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ରଣପୁର ଭୋଟକୁ ଅନୁଧ୍ୟାନ କଲେ ବିଜେଡିର ଭୋଟ କମିବାରେ ଲାଗିଛି । ଅଳ୍ପକେ ବିଜୟ ହୋଇଛନ୍ତି ଅଧ୍ୟକ୍ଷ ପ୍ରାର୍ଥୀ । ପୁଣି କେତେଜଣ କାଉନସିଲର ଜିତିଥିଲେ ମଧ୍ୟ ସେମାନଙ୍କୁ କଡ଼ା ଟକ୍କର ଦେଇଛନ୍ତି ସ୍ୱାଧୀନ ପ୍ରାର୍ଥୀ । ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ରଣନୀତି ଏଠାରେ କାମ କଲାନାହିଁ ବୋଲି ଚର୍ଚ୍ଚା ହେଉଛି । ସେହିପରି ଖଣ୍ଡପଡ଼ା ଏନ୍‌ଏସିରେ ସ୍ୱାଧୀନ ପ୍ରାର୍ଥିନୀ ଆରତୀ ପ୍ରଧାନ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିବା ବେଳେ ବିଜେଡିରୁ ୮, ଭାଜପାରୁ ଜଣେ ଏବଂ ସ୍ୱାଧୀନ ଭାବେ ୪ଜଣ କାଉନସିଲର ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି । ଏହି ଫଳାଫଳକୁ ଅନୁଧ୍ୟାନ କଲେ ଖଣ୍ଡପଡ଼ା ସହରରେ ବିଜେଡି ଦୁର୍ଗ ଭୁଶୁଡ଼ିବା ଆରମ୍ଭ ହୋଇଛି ବୋଲି ଲୋକମାନେ କହୁଛନ୍ତି। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପାଇଁ ଏନ୍‌ଏସି ନିର୍ବାଚନ ସତର୍କ ଘଣ୍ଟି ବଜାଇଛି। ପୁଣି ଦଶପଲ୍ଲା ଏନ୍‌ଏସିରେ ସ୍ୱାଧୀନ ପ୍ରାର୍ଥିନୀ ପୁନମ ପ୍ରିୟଦର୍ଶିନୀ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିବା ବେଳେ ବିଜେଡିରୁ ୭, ଭାଜପାରୁ ଜଣେ ଏବଂ ସ୍ୱାଧୀନ ଭାବେ ୮ଜଣ କାଉନସିଲର ନିର୍ବାଚିତ ହୋଇଛନ୍ତି । ଦଶପଲ୍ଲା ଏନ୍‌ଏସି ଫଳାଫଳ ବିଜେଡି ବିରୋଧରେ ଯାଇଛି। ସେଠାରେ ମଧ୍ୟ ବିଜେଡିର ଗଡ଼ ଭାଙ୍ଗିବାକୁ ବସିଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନିଜ ସଙ୍ଗଠନକୁ ସଜାଡ଼ି ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଦଳୀୟ କର୍ମୀମାନେ ନିଜ ନାମ ଗୋପନ ରଖି କହିଛନ୍ତି।

ଏନ୍‌ଏସି ନିର୍ବାଚନର ଫଳାଫଳକୁ ଲକ୍ଷ୍ୟ କଲେ ସୁବୁଠାରୁ କ୍ଷତି ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ହୋଇଛି । ଦ୍ୱିତୀୟ ସ୍ଥାନରେ ଖଣ୍ଡପଡ଼ା ଓ ତୃତୀୟ ସ୍ଥାନରେ ରଣପୁର ନିର୍ବାଚନମଣ୍ଡଳୀ ରହିଛି । ଅନ୍ୟପକ୍ଷେ ରଣପୁର ନିର୍ବାଚନମଣ୍ଡଳୀରେ ପଞ୍ଚାୟତ ନିର୍ବାଚନ ସମୟରେ ଜିଲା ପରିଷଦର ଗୋଟିଏ ଜୋନ୍ ଭାଜପା ହାତକୁ ଚାଲି ଯାଇଥିଲା । ସେହିପରି ରଣପୁର ବ୍ଲକ ଚେୟାରମ୍ୟାନ ପଦବୀ ପାଇଁ ବିଜେଡି ପାଖରେ ଆବଶ୍ୟକ ସମିତି ସଭ୍ୟ ଥିଲେ ମଧ୍ୟ ଭାଜପା ଚେୟାରମ୍ୟାନ ପଦବୀକୁ ଛଡାଇ ନେଇଥିଲା । ପରେ ଉପାଧ୍ୟକ୍ଷ ପଦବୀ ପାଇ ବିଜେଡି ଖୁସ୍ ହୋଇଛି । ତେବେ ପଞ୍ଚାୟତ ନିର୍ବାଚନର ଫଳାଫଳ ବିଜେଡି ପାଇଁ ସତର୍କ ଘଣ୍ଟି ବଜାଇଥିଲା । ହେଲେ ଦଳ ପକ୍ଷରୁ ଏହାକୁ ଅଣଦେଖା କରିବା ମହଙ୍ଗା ପଡ଼ିଛି। ଯାହାର ପ୍ରଭାବ ରଣପୁର ଏନ୍‌ଏସି ନିର୍ବାଚନ ଉପରେ ପଡ଼ିଛି । ସେହିପରି ଖଣ୍ଡପଡ଼ା ବ୍ଲକ ପଞ୍ଚାୟତ ନିର୍ବାଚନରେ ଗୋଟିଏ ଜିଲା ପରିଷଦ ଆସନକୁ ସ୍ୱାଧୀନ ପ୍ରାର୍ଥୀ ଛଡ଼ାଇ ନେଇଥିଲେ । ଏକାଧିକ ସ୍ଥାନରେ ସ୍ୱାଧୀନ ପ୍ରାର୍ଥୀ ବିଜେଡିର ଜିଲା ପରିଷଦ ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଇଥିଲେ। କେତେଜଣ ଭୋଟରଙ୍କ ସୂଚନା ଅନୁସାରେ ଦଶପଲ୍ଲା, ଖଣ୍ଡପଡ଼ା, ରଣପୁର ଅଞ୍ଚଳର ଭୋଟର ଶାସକ ଦଳକୁ ଚକମା ଦେଖାଇଛନ୍ତି । ଶାସକ ଦଳ ବିରୋଧରେ ଅସନ୍ତୋଷକୁ ସେମାନେ ଭୋଟ ମାଧ୍ୟମରେ ଦେଖାଇଛନ୍ତି। ଏହା ଟ୍ରେଲର ହୋଇପାରେ । ୨୦୨୪ରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ଆସୁଛି । ଏହି ସମୟରେ ବଡ଼ ଧମାକା ହୋଇପାରେ ବୋଲି ଭୋଟରମାନେ ମତବ୍ୟକ୍ତ କରିଛନ୍ତି ।

## ସଂକ୍ଷେପରେ

### ୬ଜଣଙ୍କ ନାମରେ ରୁଜୁ ହେଲା ମାମଲା

ସିସିଟିଭି ଅଚଳ ନେଇ ରାସ୍ତାରୋକୋ ଘଟଣା

ନୟାଗଡ଼ ଅଫିସ,୨୭।୩: ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟରେ ଇଭିଏମ୍ ରହିଥିବା ଷ୍ଟ୍ରଙ୍ଗରୁମରେ ସିସିଟିଭି ଅଚଳକୁ ନେଇ ଶନିବାର ପ୍ରତିବାଦ କରାଯାଇଥିଲା । ଦଶପଲ୍ଲାର ଜନସାଧାରଣ ଓ ଭାଜପା ପକ୍ଷରୁ ଏନେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ବ୍ଲକ ସମ୍ମୁଖରେ ରାସ୍ତାରୋକୋ କରାଯାଇଥିଲା । ସାଢ଼େ ୭ରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ସାଢ଼େ ୧୨ଟାରେ ଆପେ ଆପେ ପ୍ରତ୍ୟାହାର ହୋଇଥିଲା । ତେବେ ଆନ୍ଦୋଳନ ଯୋଗୁ ଭୋଟ ଗଣନା ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା । ଏହାକୁ ନେଇ ଦଶପଲ୍ଲା ଥାନା ପୋଲିସ ୬ଜଣଙ୍କ ନାମରେ ମାମଲା(ନଂ.୬୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ପୁଣି ଅଡୁଆରେ କମାଣ୍ଡାଣ୍ଟ ଜୁରିଆ

ପାରଳାଖେମୁଣ୍ଡି,୨୭।୩(ଡି.ଏନ୍.ଏ.): ସରକାରୀ ଜମି ଜବରଦଖଲ କରି ପୁଣି ଅଡୁଆରେ ପଡ଼ିଛନ୍ତି ଗଜପତି ଜିଲାର ତୃତୀୟ ବାଟାଲିୟନ କମାଣ୍ଡାଣ୍ଟ ଜୁରିଆ ବେହେରା। ପୂର୍ବରୁ ଗଜପତି ମହାରାଜାଙ୍କ ଜମି ଜବରଦଖଲ କରି କମାଣ୍ଡାଣ୍ଟ ହଟହଟା ହେବା ସହ ଜିଲାବାସୀଙ୍କ ନିନ୍ଦାର ଶିକାର ହୋଇଥିଲେ। ହେଲେ ପୁଣି ବେଆଇନ ଭାବେ ସରକାରୀ ଜମି ଖନନ ସହ ଜଙ୍ଗଲ ନଷ୍ଟ କରିବା ସମୟରେ ବନ ବିଭାଗ ଚଢ଼ାଉ କରିଛି। ସେଠାରୁ ଜେସିବି ସହ ୨ ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି।

### ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ତାଲିମ ଶିବିର

ଭଞ୍ଜନଗର, ୨୭।୩(ଡି.ଏନ୍.ଏ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ରବିବାର ସ୍ଥାନୀୟ ଆରଏମ୍‌ସି ସମ୍ମିଳନୀ କକ୍ଷରେ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ଉପରେ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଡିଏଫ୍‌ଓ ଅଭୟ କୁମାର ଦଳେଇ ଏଥିରେ ଅଧକ୍ଷତା କରିଥିଲେ । ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଫିସର ସୁରେଶ ଚନ୍ଦ୍ର ମିଶ୍ର, ଚନ୍ଦନ ଜାନୀ, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜୀ ସାଧନବ୍ୟକ୍ତି ଭାବେ ଯୋଗଦେଇ ବନ୍ୟପ୍ରାଣୀ ଆଇନ ଦେଶରେ କିଭଳି ଅଛି, ତାହାକୁ କିଭଳି କଡ଼ାକଡ଼ି ପାଳନ କରାଯାଇପାରିବ ସେନେଇ କହିଥିଲେ। କୁମର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ‘ସମାଜରେ ପରିବର୍ତ୍ତନ ଆଣନ୍ତି ଶିକ୍ଷକ’

## ଏଲିମେଣ୍ଟାରୀ ଶିକ୍ଷକ ସମ୍ମିଳନୀ

ନୟାଗଡ଼ ଅଫିସ,୨୭।୩



ଏଲିମେଣ୍ଟାରୀ ଶିକ୍ଷକ ସମ୍ମିଳନୀରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ ।

ନୟାଗଡ଼ ବ୍ଲକସ୍ତରୀୟ ଏଲିମେଣ୍ଟାରୀ ଶିକ୍ଷକ ସମ୍ମିଳନୀ ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ସମନ୍ୱୟ ସମିତିର ସଭାପତି ରଘୁନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥିଭାବେ ନୟାଗଡ଼ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ କହିଲେ, ସମାଜରେ ପରିବର୍ତ୍ତନ ଆଣିଥାନ୍ତି ଶିକ୍ଷକ। ଶିକ୍ଷକମାନେ ହିଁ ସମାଜର ମେରୁଦଣ୍ଡ। ସେମାନେ ସମାଜର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବସନ୍ତ ନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ପୌରାଧକ୍ଷା ନିରୂପମା ଖଟେଇ, ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭକ୍ତବଲ୍ଲଭ ବଟକୃଷ୍ଣ ମିଶ୍ର ସ୍ୱାଗତଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସମନ୍ୱୟ ସମିତି ସମ୍ପାଦକ ସୁରେଶ ସେଠୀ ବିବରଣୀ ପାଠ କରିଥିଲେ । ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକଙ୍କ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପୁରୁଣା ପେନ୍‌ସନ ଯୋଜନା ଲାଗୁ କରିବା ତଥା ଶିକ୍ଷକମାନଙ୍କ ପ୍ରମୋଶନ ବିଳମ୍ବ ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସମାଜର ଅବହେଳିତ ତଥା ଭିନ୍ନକ୍ଷମ ଶିଶୁମାନଙ୍କୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଯୋଗାଇ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶିକ୍ଷକ ସଞ୍ଜୟ କୁମାର ସୁବୁଦ୍ଧି ଏବଂ ଅସହାୟ ରୋଗୀମାନଙ୍କୁ ସେମାନଙ୍କ ଅସମୟରେ ରକ୍ତଦାନ ପରି ମହତ କାର୍ଯ୍ୟ କରୁଥିବା ଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢ଼ୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଗତ ଦୁଇବର୍ଷ ମଧ୍ୟରେ ଅବସର ଗ୍ରହଣ କରିଥିବା ନୟାଗଡ଼ ବ୍ଲକ ଶିକ୍ଷାଧିକାରୀ ଦାମୋଦର ଖିଲାର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାଗୀରଥି ବରାଡ଼ଙ୍କ ସମେତ ୨୪ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗତ ଦୁଇବର୍ଷ ମଧ୍ୟରେ କୋଭିଡ୍ ମହାମାରୀରେ ଆକ୍ରାନ୍ତ ହୋଇ ୩ ଜଣ ଶିକ୍ଷକ ପ୍ରାଣ ହରାଇଥିଲେ । ସେମାନଙ୍କୁ କୋଭିଡ୍ ଯୋଦ୍ଧାଭାବେ ଘୋଷଣା କରାଯିବା ସହିତ ତାଙ୍କ ସମ୍ପର୍କୀୟମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା ।

# ଦଶପଲ୍ଲା ବାର୍ ଆସୋସିଏଶନ ନିର୍ବାଚନ

ଦଶପଲ୍ଲା,୨୭।୩ (ଡି.ଏନ.ଏ.)

## ବେଣୁଧର ସଭାପତି, ମନୋରଞ୍ଜନ ସମ୍ପାଦକ

ଦଶପଲ୍ଲା ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଭାପତି- ବେଣୁଧର ନାୟକ, ଉପସଭାପତି- ଆଲୋକ ସେନାପତି, ସମ୍ପାଦକ- ମନୋରଞ୍ଜନ ମିଶ୍ର, ସହସମ୍ପାଦକ- ଶୈଳବାଳା ଦାଶ, ଯୁଗ୍ମ ସମ୍ପାଦକ- ଚିତ୍ତରଞ୍ଜନ ମହାପାତ୍ର ଓ ପାଠାଗାର ସମ୍ପାଦକ ଭାବେ ବ୍ରଜେନ୍ଦ୍ର ବେହେରା ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ଦିଲ୍ଲୀପ କୁମାର ପଣ୍ଡା, ଜ୍ୟୋତିରଞ୍ଜନ ପଟ୍ଟନାୟକ, ମହେଶ୍ୱର ବାରିକ, ରାଜେଶ କୁମାର ସିଂ, ମନୋଜ ମହାପାତ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଓଡିଶା ବାର୍ କାଉନସିଲ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ଅଧିକାରୀ ଭାବେ ମନୋରଞ୍ଜନ ମିଶ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।


ନବନିର୍ବାଚିତ ସଭାପତି ବେଣୁଧର ନାୟକ ।

# ଭାପୁର ବ୍ଲକ୍‌ରେ ମଧୁବାବୁ ଭତ୍ତା ବଣ୍ଟନ


ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି ।

ନୟାଗଡ଼ ଅଫିସ,୨୭।୩

ଭାପୁର ବ୍ଲକରେ ଶନିବାର ମଧୁବାବୁ ଭତ୍ତା ନୂତନ ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଛି । ବିଡିଓ ଜନ୍ମେଜୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଓ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଥିବାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା । ଫଳରେ ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ସମେତ ୮୭୮ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟା ହୋଇପାରି ନ ଥିଲା । ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ଉପସ୍ଥିତିରେ ଶନିବାର ପ୍ରଥମ ଦିନରେ ୬୪ ଜଣକୁ ଭତ୍ତା ବହି ବଣ୍ଟନ କରାଯାଇଛି। ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପିଛିଲା ୪ ମାସର ଭତ୍ତା ଟଙ୍କା ଯିବ । ଏଣୁ ଭତ୍ତା ବଣ୍ଟନରେ ସ୍ୱଚ୍ଛତା ଆସିପାରିବ ବୋଲି ବିଡିଓ କହିଥିଲେ । ଅବଶିଷ୍ଟ ଭତ୍ତା ବହି ପଞ୍ଚାୟତ ଅଧିକାରୀମାନେ ହିତାଧିକାରୀଙ୍କୁ ନିଜ ପଞ୍ଚାୟତରେ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ନବ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ଓଡ଼ଗାଁ,୨୭।୩ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସମେତ ନୟାଗଡ଼ ପୌରାଞ୍ଚଳ ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟୀ ପ୍ରତିନିଧିଙ୍କୁ ରବିବାର ସ୍ଥାନୀୟ ରାମ ସାଗର ପାର୍କରେ ସମ୍ବର୍ଦ୍ଧିତ କରାଯାଇଛି । ନବ ନିଯୁକ୍ତ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ପରିଚାଳନାରେ ଆୟୋଜିତ ସଭାରେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଜିଲାପରିଷଦ ସଦସ୍ୟା ଝିଲି ପ୍ରଧାନ(ଜୋନ ୧), ବିରଜାଲକ୍ଷ୍ମୀ ସାହୁ (ଜୋନ ୨)ଙ୍କ ସହିତ ସ୍ଥାନୀୟ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟଙ୍କୁ ମନ୍ତ୍ରୀ ଅରୁଣ କୁମାର ସାହୁ ଦଳୀୟ ଉପଢ଼ୌକନ ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ହେଲେ ମନ୍ତ୍ରୀ ଏହାକୁ ସମ୍ବର୍ଦ୍ଧନା ସଭା ବଦଳରେ କୃତଜ୍ଞତା ପ୍ରଦାନ କରିବାର ସମୟ ବୋଲି ବର୍ଣ୍ଣନା କରିଥିଲେ । ଯେଉଁ ପ୍ରତିଶ୍ରୁତି ଦେଇ ପ୍ରାର୍ଥୀମାନେ ଲୋକଙ୍କ ନିକଟକୁ ଯାଇ ଭୋଟ ଭିକ୍ଷା କରିଥିଲେ ସେମାନେ ସମାନ ଢଙ୍ଗରେ ଲୋକଙ୍କ ନିକଟତର ହୋଇ ଲୋକଙ୍କ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଉଚିତ୍ ବୋଲି ନବ ନିର୍ବାଚିତ ଜନ ପ୍ରତିନିଧି ଓ ଅଧ୍ୟକ୍ଷଙ୍କୁ ସେ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇଥିବା ଦାମୀ ଫୁଲମାଳକୁ ସେ ଏହା କୃତଜ୍ଞତା ପ୍ରଦାନ ସଭା କହି ଏଡାଇ ଯାଇଥିଲେ ।

# ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ

ନୟାଗଡ଼ ଅଫିସ,୨୭।୩

ନୟାଗଡ଼ ଜିଲା ଭାପୁର ବ୍ଲକ୍ ପଦ୍ମାବତୀ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଉଛି । ରାଜ୍ୟ ସରକାରଙ୍କ ଯୁବନୀତି–୨୦୧୩ ଅନୁଯାୟୀ ପଦ୍ମାବତୀ ପ୍ରହଲ୍ଲାଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୨୦୨୧–୨୨ ଶିକ୍ଷାବର୍ଷରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଗତ ୨୩ ତାରିଖରୁ ଆରମ୍ଭ ହୋଇଛି ।

ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ର ଉଦ୍‌ଘାଟନ କରିଥିଲେ । ଅଧ୍ୟାପିକା ପୂର୍ଣ୍ଣିମା ଷଡ଼ଙ୍ଗୀ ଏଥିରେ ସଂଯୋଜନା କରିଥିଲେ । ଅଧ୍ୟାପିକା ସନ୍ଧ୍ୟାରାଣୀ ନାୟକ ତାଲିମ ପ୍ରଦାନ କରୁଛନ୍ତି । ଏହି ତାଲିମ ୮ ଦିନ ଚାଲିବ ବୋଲି ଅଧ୍ୟକ୍ଷ ମହାପାତ୍ର କହିଛନ୍ତି ।


ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଉଛି ।

# ଦୁର୍ଦ୍ଦଶାରେ ସାବିତ୍ରୀଙ୍କ ଜୀବନ

ବଲସକୁମ୍ପା,୨୭।୩

## ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧୀନ ନବଗୁବା ଗ୍ରାମରେ ଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି ସାଗର ବେହେରାଙ୍କ ପରିବାର। ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ସହ ଦୁଇ ପୁଅ ଏବଂ ଗୋଟିଏ ଝିଅ। ପ୍ରତିଦିନ ଚାଷବାସ କରିବା ସହିତ ଦିନମଜୁରିଆ ଭାବେ କାମ କରି ପରିବାର ଚଳାଉଥିଲେ। କିନ୍ତୁ ଭାଗ୍ୟ ଭଗାରି ସାଜିଲା। ପ୍ରାୟ ୭ ବର୍ଷ ତଳେ ସ୍ତ୍ରୀ ସାବିତ୍ରୀ ବେହେରା (୫୩) ଜଙ୍ଗଲରୁ ଜାଳକାଠ ସଂଗ୍ରହ କରି ଘରକୁ ଫେରୁଥିବା ବେଳେ ହଠାତ୍ ଗୋଡ଼ ଖସି ପଡ଼ିଯାଇ ଅଚେତ ହୋଇଥିଲେ। ସ୍ୱାମୀ ସାଗର ସାବିତ୍ରୀଙ୍କୁ ଉଦ୍ଧାର କରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ସାବିତ୍ରୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଗୋଡ଼ ହାତ ନ ଚାଲିବା ଯୋଗୁ ସାବିତ୍ରୀଙ୍କୁ କଟକ ବଡ଼ ମେଡିକାଲ ନେବାକୁ ଡାକ୍ତର ରେଫର୍ କଲେ। କିଛିଦିନ କଟକ ମେଡିକାଲରେ ଚିକିତ୍ସିତ ହେବା ପରେ ମଧ୍ୟ ରୋଗୀଙ୍କ ଅବସ୍ଥାରେ ସେଭଳି କିଛି ସୁଧାର ନ ଆସିବାରୁ ଘରକୁ ଫେରି ଆସିଲେ। ଏବେ ଘରେ ଚଲାବୁଲା କରି ନ ପାରି ଶେଯରେ ପଡ଼ି ରହୁଛନ୍ତି। ହେଲେ ଅର୍ଥାଭାବ ଯୋଗୁ ସ୍ତ୍ରୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାରେ ଅସମର୍ଥ ହେଲି ବୋଲି ସ୍ୱାମୀ ସାଗର କହିଛନ୍ତି। ଯାହା ରୋଜଗାର ହେଉଛି ସେଥିରେ ଚାରି ପ୍ରାଣୀ କୁଟୁମ୍ବଙ୍କ ପ୍ରତିପୋଷଣ ହେଉଛି। ଯାହାଦ୍ୱାରା ଉତ୍ତମ ଚିକିତ୍ସା କରାଯାଇ ପାରିନାହିଁ। ତେଣୁ ସାବିତ୍ରୀଙ୍କୁ ଭିନ୍ନକ୍ଷମ ଭତ୍ତା ସହ ଚିକିତ୍ସା ପାଇଁ କିଛି ଆର୍ଥିକ ସରକାରୀ ସହାୟତା ଯୋଗାଇବାକୁ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ତେଣୁ ଜିଲାପାଳ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।


ସାବିତ୍ରୀ ବେହେରା ।

# ପାନୀୟ ଜଳ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ଆର.ଉଦୟଗିରି,୨୭।୩(ଡି.ଏନ.ଏ.)

ଗଜପତି ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠିକାର ଲୋକେ ପାହାଡିଆ ଜଙ୍ଗଲ ଭରା ଜାଗାରେ ରୁହନ୍ତି। ନା ଅଛି କୌଣସି ସୁବିଧା। ଖାଲି କାଗଜପତ୍ରରେ ଉଲ୍ଲେଖ ରହିଛି ଓ ଉନ୍ନତି ଦର୍ଶାଇ ଆଗେ ଯେପରି ଜଙ୍ଗଲରୁ ଫଳ ମୂଳ ଆଦାୟ କରି ପରିବାର ପ୍ରତିପୋଷଣ ସହ ପାହାଡିଆ ପାଣି ପିଇବାକୁ ପଡୁଥିଲା ଏବେ ମଧ୍ୟ ସେଇ ଅବସ୍ଥାରେ ଗତି କରିଛି। ବିକାଶ ନାମକୁ ମାତ୍ର। ମୋହନା ବ୍ଲକର କର୍ଚ୍ଚବାଡ଼ି ପଞ୍ଚାୟତ ୨ନଂ ୱାର୍ଡ ଯାହାକି ପଞ୍ଚାୟତ ଠାରୁ ମାତ୍ର ୫ କିମି ଦୂର ପରମଙ୍ଗା ଗ୍ରାମ। ୧୨୮ ପରିବାର ବସବାସ କରନ୍ତି । ଏଠି ପକ୍କା ଘର କମ ରହିଥିବା ବେଳେ ଚାଳ ଛପର ରହିଛି ଅଧିକ ଘର। ମୁଖ୍ୟ ସମସ୍ୟା କହିଲେ ଗ୍ରାମରେ ୭ଟି ନଳକୂପ ଖନନ ହୋଇଥିବା ବେଳେ କାମରେ ଲାଗୁନି। ଗୋଟିଏ ଅଚଳ ହୋଇ ପଡିଥିବା ବେଳେ ୬ଟିର ପାଣି ଶୁଖିବାର ଲାଗିଲାଣି। ଆଉ ଏହି ପାଣି ପିଇ ରୋଗାକ୍ରାନ୍ତ ହେଉଥିବା ଗ୍ରାମର ମହିଳା କହିଛନ୍ତି। ଖାଲି ଏତିକି ନୁହେଁ ସୋଲାର ଯୋଗେ ପାଣି ଯୋଗାଇବା ପାଇଁ କାମ ହୋଇଥିଲେ ମଧ୍ୟ ତାହା କିଛି ଦିନ ଚାଲିବା ପରେ ଅଚଳ ହୋଇ ପଡିଛି। ଏହି ବିଷୟରେ ଗ୍ରାମବାସୀ ଲିଖିତ ଅଭିଯୋଗ ପତ୍ର ପୂର୍ବତନ ବିଡିଓ ବଂଶୀଧର ଖୁସଲାଙ୍କୁ ଦେଇଥିଲେ। କିନ୍ତୁ କୌଣସୀ କାମ ହୋଇନି। ସେହିଭଳି ପାନୀୟ ଜଳ ଯୋଗାଣ ବିଭାଗକୁ ମଧ୍ୟ ବହୁବାର ଦୌଡ଼ି ଅଭିଯୋଗ କରିଥିଲେ ମଧ୍ୟ ଯନ୍ତ୍ରୀ କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ଗ୍ରାମବାସୀ ଶୁକ୍ରବାର ମୋହନା ବିଡିଓଙ୍କୁ ଭେଟି ପୁଣି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପାନୀୟ ଜଳ ଯୋଗାଣ ତୁରନ୍ତ ନ ହେଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ପ୍ରକାଶଥାଉକି, ଗ୍ରାମାଞ୍ଚଳରେ ଲୋକଙ୍କୁ ପାନୀୟ ଜଳ ଯୋଗାଇବାରେ ଫେଲ ମାରିଛି ମୋହନା ଜଳ ଯୋଗାଣ ବିଭାଗ। ଏହାର ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


ପାଣି ପାଇଁ ମହିଳାମାନେ ଅପେକ୍ଷା କରିଛନ୍ତି।